୬ ଇଶାନ କିଷନ ହେଲେ ଏସଆରଏଚର ଅଧିନାୟକ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୪୮ ● ୧୯ ମାର୍ଚ୍ଚ ୨୦୨୬ ଗୁରୁବାର ● ଭୁବନେଶ୍ୱର ● Vol -33 ● Issue-48 ● 19th March 2026, Thursday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିରୋଧୀ ଅଟଳ

# ପ୍ରଶ୍ନୋତ୍ତର, ଶୂନ୍ୟକାଳ ଏବଂ ଖର୍ଚ୍ଚ ଦାବି ଆଲୋଚନା ବାଧାପ୍ରାପ୍ତ

**ଭୁବନେଶ୍ୱର, ୧୮ ।୩**

**ନ୍ୟୁଜ୍ ବ୍ୟୁରୋ**



କଟକ ଏସ୍‌ସିବିରେ ଅଗ୍ନିକାଣ୍ଡଜନିତ ରୋଗୀ ମୃତ୍ୟୁ ଘଟଣା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବୁଧବାର ବିଧାନସଭାରେ ବିରୋଧୀ ଦଳ ଉଭୟ ବିଜେଡ଼ି ଏବଂ କଂଗ୍ରେସ ବିଧାୟକମାନେ ଗୃହରେ ନାରାବାଜି, ପୋଷ୍ଟର-ବ୍ୟାନର ପ୍ରଦର୍ଶନ ଚଳାଇବାରୁ ପ୍ରଶ୍ନୋତ୍ତର, ଶୂନ୍ୟକାଳ ଏବଂ ମୁଲତବୀ ପ୍ରସ୍ତାବ ଆଦି କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସମ୍ପାଦିତ ହୋଇପାରି ନଥିଲା। ଦ୍ୱିତୀୟାର୍ଦ୍ଧରେ ମଧ୍ୟ ବିରୋଧୀଙ୍କ ନାରାବାଜି, ହଟ୍ଟଗୋଳ ଜାରି ରହିଥିଲା ଏବଂ ସେମାନେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅଟଳ ରହିଥିଲେ। ତେବେ ବାଚସ୍ପତି ସୁରମା ପାଢୀଙ୍କ ବାରମ୍ବାର ନିବେଦନ ସତ୍ତ୍ୱେ ବିରୋଧୀ ଦଳର ବିଧାୟକମାନେ ଗୁରୁତ୍ୱପୂର୍ଣ୍ଣ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଖର୍ଚ୍ଚ ଦାବି ଆଲୋଚନରେ ଭାଗ ନନେଇ ପ୍ରତିବାଦରେ କକ୍ଷତ୍ୟାଗ କରିଥିଲେ।

ବୁଧବାର ପୂର୍ବାହ୍ନ ୧୦.୩୦ରେ ବାଚସ୍ପତି ଶ୍ରୀମତୀ ପାଢୀ ଗୃହ କାର୍ଯ୍ୟ ଆରମ୍ଭ କରିବା କ୍ଷଣି ବିରୋଧୀ ଦଳର ବିଧାୟକମାନେ କଟକ ଏସ୍‌ସିବି ମେଡ଼ିକାଲ କଲେଜ ହସ୍ପିଟାଲ ଆଇସିୟୁରେ ଅଗ୍ନିକାଣ୍ଡ ଜନିତ ରୋଗୀମୃତ୍ୟୁ ଘଟଣାକୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ନାରାବାଜି, ପୋଷ୍ଟର ପ୍ରଦର୍ଶନ ସହ ଗୃହ ମଧ୍ୟରେ ହଟ୍ଟଗୋଳ କରିବାରୁ ଗୃହକାର୍ଯ୍ୟ ବସ୍ତୁତଃ ଅଚଳ ହୋଇପଡ଼ିଥିଲା। ବାଚସ୍ପତି ଶ୍ରୀମତୀ ପାଢୀ ବିରୋଧୀ ଦଳର ବିଧାୟକମାନଙ୍କୁ ଗୃହ ପରିଚାଳନାରେ ସହଯୋଗ କରିବା ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ତାହାର କୌଣସି ସୁଫଳ ପଡ଼ିନଥିଲା। ହଟ୍ଟଗୋଳ ଜୋର ଧରିବାରୁ ବାଚସ୍ପତି ଗୃହକୁ ୭ ମିନିଟ୍ ପରେ ୧୦ଟା ୩୭ରେ ପ୍ରଥମେ ୧୧ଟା ୩୦ ପର୍ଯ୍ୟନ୍ତ ମୁଲତବୀ କରିଥିଲେ।

ପୁନର୍ବାର ଗୃହ କାର୍ଯ୍ୟ ୧୧.୩୦ରେ ବାଚସ୍ପତି ଆରମ୍ଭ କରିବା ପରେ ମଧ୍ୟ ବିରୋଧୀ ଦଳ ବିଧାୟକମାନେ ପୂର୍ବଭଳି ସେମାନଙ୍କ ଦାବି ଦୋହରାଇ ଗୃହ ମଝିରେ ନାରାବାଜି ଜାରି ରଖିଥିଲେ। ତେବେ ବାଚସ୍ପତି ଏହି ହଟ୍ଟଗୋଳ ଓ ନାରାବାଜି ଭିତରେ ଶୂନ୍ୟକାଳରେ *(ପୃଷ୍ଠା ୭ରେ)*

# ୫୪,୯୨୬ କୋଟିର ପୁଞ୍ଜିନିବେଶକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ

**ନୂଆଦିଲ୍ଲୀ, ୧୮ ।୩**

ଦେଶରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ୫୪,୨୯୬ କୋଟି ଟଙ୍କା ବ୍ୟୟ କରାଯିବ। ଏଥିପାଇଁ ବୁଧବାର କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ ପ୍ରଦାନ କରିଛି। ଅନୁମୋଦନ ଲାଭ କରିଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ଜଳ ବିଦ୍ୟୁତ୍ ପ୍ରକଳ୍ପଠାରୁ ଆରମ୍ଭ କରି ଜାତୀୟ ରାଜପଥ, ଶିଳ୍ପ ପାର୍କ ଇତ୍ୟାଦି ରହିଛି।



ଏହି ଅନୁମୋଦନ ରାଶିର ଏକ ବଡ଼ ଭାଗ ଭାରତ ଔଦ୍ୟୋଗୀକ ବିକାଶ ଯୋଜନାରେ ଶିଳ୍ପ ବିକାଶ ପାଇଁ ଖର୍ଚ୍ଚ କରାଯିବ ବୋଲି କ୍ୟାବିନେଟ କମିଟି ନିଷ୍ପତ୍ତି ନେଇଛି। ଏହି ଯୋଜନାରେ ଦେଶରେ ୧୦୦ଟି ଶିଳ୍ପ ପାର୍କର ବିକାଶ କରାଯିବ। ଶିଳ୍ପ ପାର୍କଗୁଡ଼ିକ ସଂପୃକ୍ତ ରାଜ୍ୟ ତଥା ନିକଟବର୍ତ୍ତୀ ଅଞ୍ଚଳରେ ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରିବା ସହିତ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରି ପାରିବେ।

ସେହିପରି କପାଚାଷୀଙ୍କ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ବାବଦକୁ ୧୧,୭୧୨ କୋଟି ଟଙ୍କାର ପ୍ରସ୍ତାବକୁ ଅନୁମୋଦନ ମିଳିଛି। ୯୨୭ ନମ୍ବର ଜାତୀୟ ରାଜପଥର ଚାରି ଲେନ୍ କାର୍ଯ୍ୟ ପାଇଁ ୬୯୬୯ କୋଟି ଟଙ୍କାର ଅନୁମୋଦନ ମିଳିଛି। ଦେଶରେ କ୍ଷୁଦ୍ର ଜଳ ବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପ ଗୁଡ଼ିକ ପାଇଁ ୨୫୮୫ କୋଟି ଟଙ୍କା ବିନିଯୋଗ କରିବାକୁ ଅନୁମୋଦନ ପ୍ରଦାନ କରାଯାଇଛି।

# ୫୦୦୦ ପାଉଣ୍ଡର 'ବଙ୍କର-ବଷ୍ଟର' ବୋମାମାଡ଼: ଧ୍ୱଂସ ହେଲା ମିସାଇଲ୍ ଘାଟି

**ନୂଆଦିଲ୍ଲୀ, ୧୮ ।୩**

ଇରାନ ଉପରେ ଆମେରିକାର ଭୟଙ୍କର ଆକ୍ରମଣ । ୫୦୦୦ ପାଉଣ୍ଡର 'ବଙ୍କର-ବଷ୍ଟର' ବୋମାମାଡ଼ ହୋଇଛି । 'ବଙ୍କର-ବଷ୍ଟର' ବୋମା ମାଡ଼ରେ ମିସାଇଲ ଘାଟି ଧ୍ୱଂସ ହୋଇଯାଇଛି । ହର୍ମୁଜ ପ୍ରଣାଳୀ ନିକଟରେ ଇରାନର ଘାଟି ଛାରଖାର ହୋଇଯାଇଛି । ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ଏକ ଭୟଙ୍କର ରୂପ ନେଇଛି । ଇରାନର ଦକ୍ଷିଣ ଉପକୂଳରେ ଥିବା ଶକ୍ତିଶାଳୀ ମିସାଇଲ୍ ଘାଟିଗୁଡ଼ିକ ଉପରେ ପ୍ରଚଣ୍ଡ ଆକ୍ରମଣ କରିଥିବା କହିଛି ଆମେରିକା ସେନା । 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ' ଦେଇ ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତେଲ ପରିବହନ ହୋଇଥାଏ । ଇରାନ ଏହି ପଥକୁ ବନ୍ଦ କରିବାକୁ ଚେଷ୍ଟା କରିବା ସହ ନିଜର ଆଣ୍ଟି-ସିପ୍ ମିସାଇଲ୍ ମୁତୟନ କରିଥିବାରୁ ଆମେରିକା ଏହି ପଦକ୍ଷେପ ନେଇଛି ।



ଏହି ଆକ୍ରମଣରେ ଆମେରିକା ୫୦୦୦ ପାଉଣ୍ଡ ଓଜନର "ଡିପ୍ ପେନିଟ୍ରେଟର" ବା ବଙ୍କର-ବଷ୍ଟର ବୋମା ବ୍ୟବହାର କରିଛି । ବୋମାଗୁଡ଼ିକ ମାଟିର ବହୁ ଗଭୀରରେ ଥିବା କିମ୍ବା ପଥର ତଳେ ଲୁଚି ରହିଥିବା ଶତ୍ରୁର ମିସାଇଲ୍ ଷ୍ଟୋରେଜ୍ ଏବଂ ଲଞ୍ଚ୍ ପ୍ୟାଡ୍‌କୁ ସହଜରେ ଧ୍ୱଂସ କରିପାରେ । ଏହି ଯୁଦ୍ଧ ଯୋଗୁଁ ବିଶ୍ୱ ବଜାରରେ ପେଟ୍ରୋଲ-ଡିଜେଲ ଦର ବଢ଼ିବାର ଆଶଙ୍କା ଦେଖାଦେଇଛି । ସେପଟେ ଇରାନ ଏହାକୁ ନିଜ ଦେଶ ଉପରେ ଆକ୍ରମଣ ବୋଲି କହିଛି ଏବଂ ଏହାର ପ୍ରତିଶୋଧ ନେବାକୁ ଧମକ ଦେଇଛି । ଚୀନ୍ ଏବଂ ରୁଷ ଏହି ଆକ୍ରମଣ ପାଇଁ ଆମେରିକାକୁ ସମାଲୋଚନା କରିଥିବାବେଳେ ସାଉଦି ଆରବ ପରି ଦେଶଗୁଡ଼ିକ *(ପୃଷ୍ଠା ୭ରେ)*

## ବକେୟା ଟୋଲ୍ ୭୨ ଘଣ୍ଟାରେ ନ ଦେଲେ ଅତିରିକ୍ତ ଶୁଳ୍କ

**ନୂଆଦିଲ୍ଲୀ, ୧୮ ।୩**

ଗାଡ଼ି ଟୋଲ୍ ପ୍ଲାଜା ଅତିକ୍ରମ କରିବା ପରେ ଟୋଲ ଦେଇନଥିବା ଗାଡ଼ିଗୁଡ଼ିକୁ ୭୨ ଘଣ୍ଟା ଭିତରେ ବକେୟା ଦେବାକୁ ପଡ଼ିବ। ସେହି ସମୟ ସୀମା ଅତିକ୍ରମ ହେବାପରେ ତାଙ୍କ ଉପରେ ଅତିରିକ୍ତ ଶୁଳ୍କ ଲଗାଯିବ। ଏନେଇ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ରାଜପଥ ଫି ନିୟମରେ ଆବଶ୍ୟକ ସଂଶୋଧନ କରାଯାଇଛି। ତାହା ମଙ୍ଗଳବାରଠାରୁ ଲାଗୁ ହୋଇଛି। ଏଠାରେ ବକେୟା ଶୁଳ୍କର ଅର୍ଥ ହେଉଛି ଗାଡ଼ି ଟୋଲ୍ ପ୍ଲାଜା ଅତିକ୍ରମ କରିଥିବାର ଦୃଶ୍ୟ ଇଲେକ୍ଟ୍ରୋନିକ୍ସ ବ୍ୟବସ୍ଥାରେ ରେକର୍ଡ ହୋଇଥିବ, କିନ୍ତୁ ଟୋଲ୍ କଟିନଥିବ। ଏଭଳି ମାମଲାରେ ଗାଡ଼ି ମାଲିକଙ୍କ ପାଖକୁ ନୋଟିସ୍ ଏସ୍‌ଏମ୍‌ଏସ, ଇମେଲ୍, ମୋବାଇଲ୍ ଆପ୍ ଜରିଆରେ ନୋଟିସ୍ ପଠାଯିବ। ନୋଟିସ୍ ପାଇବା ପରେ ବକେୟା ଟୋଲ୍ ବାବଦରେ ଦୁଇ ଗୁଣା *(ପୃଷ୍ଠା ୭ରେ)*

# ଏସ୍‌ସିବି ଅଗ୍ନିକାଣ୍ଡ : ୪ ନିଲମ୍ବିତ

**ଭୁବନେଶ୍ୱର, ୧୮ ।୩ : ନ୍ୟୁଜ୍ ବ୍ୟୁରୋ**

କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍‌ପିଟାଲରେ ଗତ ୧୬ ତାରିଖ ଦିନ ହୋଇଥିବା ଭୟାବହ ଅଗ୍ନିକାଣ୍ଡ ଯୋଗୁଁ ଅନେକ ଜୀବନ ନଷ୍ଟ ହେବା ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି । କାର୍ଯ୍ୟରେ ଅବହେଳା ଯୋଗୁଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ନିମ୍ନଲିଖିତ ଚାରି ଜଣ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଛି ।

କଟକ ସର୍କଲର ଡେପୁଟି ଫାୟାର ଅଫିସର ପ୍ରକାଶ କୁମାର ଜେନା, କଟକ ସର୍କଲର ଆସିଷ୍ଟାଣ୍ଟ ଫାୟାର ଅଫିସର ସଞ୍ଜୀବ କୁମାର ବେହେରା, ଏସ୍.ସି.ବି ମେଡିକାଲ ଓ ହସ୍‌ପିଟାଲର ଷ୍ଟେସନ ଅଫିସର ଅଭିନବ ପୁଷ୍ଟି ଏବଂ କଟକ ଜି.ଇ.ଡି ଅନ୍ତର୍ଗତ ଏସ୍.ସି.ବି ସବ୍-ଡିଭିଜନର ଆସିଷ୍ଟାଣ୍ଟ ଏକଜିକ୍ୟୁଟିଭ ଇଞ୍ଜିନିୟର *(ପୃଷ୍ଠା ୭ରେ)*



# ବିଜେଡି କି ଦଳୀୟ ପାଣ୍ଠି ସହ ଟ୍ରଷ୍ଟର କିଛି ସମ୍ପର୍କ ନାହିଁ



**ଭୁବନେଶ୍ୱର, ୧୮ ।୩**

**ନ୍ୟୁଜ୍ ବ୍ୟୁରୋ**

ବିଜୁ-ନବୀନ ଇନ୍‌ସ୍ପେୟାର ଟ୍ରଷ୍ଟ ନେଇ ଦୁଇ ଦିନ ଧରି ବିଭିନ୍ନ ମହଲରେ ଆଲୋଚନା ହେବା ପରେ ବୁଧବାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଟ୍ରଷ୍ଟ ଗଠନ ନେଇ ସ୍ପଷ୍ଟୀକରଣ ରଖିଛନ୍ତି । ସେ କହିଛନ୍ତି ଯେ ବିଜୁ ବାବୁ ଦାନଦକ୍ଷିଣା ପାଇଁ ଜଣାଶୁଣା ଥିଲେ। ୩୦ ବର୍ଷ ବୟସରେ *(ପୃଷ୍ଠା ୭ରେ)*

### ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ଖର୍ଚ୍ଚ ଦାବି ପାରିତ

# ଗ୍ରାମୀଣ ବିକାଶକୁ ସର୍ବାଧିକ ଗୁରୁତ୍ୱ

**ଭୁବନେଶ୍ୱର, ୧୮ ।୩**

**ନ୍ୟୁଜ୍ ବ୍ୟୁରୋ**

ବୁଧବାର ବିଧାନସଭାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ତଥା ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ତାଙ୍କ ବିଭାଗର ଯଥାକ୍ରମେ ୩୪୧୦୧କୋଟି ୯୬ ଲକ୍ଷ ୨୬ ହଜାର ଟଙ୍କା ଏବଂ ୧୦୨୦୪ କୋଟି ୧୦ଲକ୍ଷ ୫୦ ହଜାର ଟଙ୍କାର ଖର୍ଚ୍ଚ ଦାବି ଗୃହରେ ଉପସ୍ଥାପନ କରିଥିଲେ। ବାଚସ୍ପତି ସୁରମା ପାଢୀ ଏହି ଖର୍ଚ୍ଚଦାବୀ ଉପରେ ବିରୋଧୀ ଦଳରୁ ଆଲୋଚନାରେ ଭାଗ ନେବା ପାଇଁ ବିଧାୟକମାନଙ୍କୁ ଅନୁରୋଧ କରିଥିଲେ। ତେବେ ସେତେବେଳକୁ ବିରୋଧୀ ଦଳ ବିଧାୟକମାନେ ଗୃହ ମଧ୍ୟ ଭାଗରେ ସେମାନଙ୍କ ନାରାବାଜି ଚାଲୁ ରଖିଥିଲେ। ଏପରି ଅବସ୍ଥାରେ ବାଚସ୍ପତି ବାଧ ହୋଇ କେବଳ ଶାସକ ଦଳର ବିଧାୟକମାନଙ୍କୁ ଆଲୋଚନାରେ ଭାଗ ନେବାକୁ ଡାକିଥିଲେ। ତଦନୁସାରେ ଶାସକ ଦଳର ବିଧାୟକ ସର୍ବଶ୍ରୀ ପ୍ରତାପ ଚନ୍ଦ୍ର ନାୟକ, ସନ୍ତୋଷ ଖଟୁଆ, ବାବୁ ସିଂ, ଅମର ନାୟକ, ସନାତନ ବିଜୁଳି, ଇରାଶିଷ ଆର୍ଚ୍ଚର୍ଯ୍ୟ, ଭାଦବ ହାଁସଦା ଜଣକ ପରେ ଜଣେ ଖର୍ଚ୍ଚଦାବିକୁ *(ପୃଷ୍ଠା ୭ରେ)*

## ଦିଲ୍ଲୀର ସାଧନଗରରେ ଭୟଙ୍କର ଅଗ୍ନିକାଣ୍ଡ

### ୩ ଜଣ ଶିଶୁଙ୍କ ସମେତ ୭ ମୃତ

**ନୂଆଦିଲ୍ଲୀ, ୧୮ ।୩**

ଦିଲ୍ଲୀର ପାଲମ ଅଞ୍ଚଳର ସାଧନଗରରେ ଏକ କୋଠାରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ୭ ଜଣଙ୍କର ମୃତ୍ୟୁ ହୋଇଛି। ଘଟଣାସ୍ଥଳରେ ୩୦ଟି ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ପ୍ରୟାସ ଜାରି ରଖିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ବୁଧବାର ସକାଳେ ତଳ ମହଲାରେ ଥିବା ଏକ କସମେଟିକ୍ସ ଦୋକାନରେ ନିଆଁ ଲାଗିବା ପରେ ନିଆଁ ଉପର ମହଲାକୁ ବ୍ୟାପି ଯାଇଥିଲା ଏବଂ କୋଠାଟି *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ସମଦୂରତା ନାହିଁ ଏବେ ଆଉ
ଏଇନା ଦୁହେଁ ଯେ ମିତ
ବିଧାନସଭାଠୁ ରାସ୍ତାଘାଟ ଯାଏ
କରନ୍ତି ମିଶିକି ଯାତ
ଶାସକ ଗାଆନ୍ତି ଗୀତ
ଟେନ୍‌ସନ୍ ଜମା ନାହିଁ ଯେ ଯାଙ୍କର
ମିତ ହେଇଯିବେ ଖତ।

# ୨୧ ଯାଏ ଝଡ଼ବର୍ଷା: ୬ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ

**ଭୁବନେଶ୍ୱର, ୧୮ ।୩ : ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିବ। ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ସହ ବିଜୁଳି, ଘଡ଼ଘଡ଼ି ଓ ଝଟକା ପବନ ଅନୁଭୂତ ହେବ। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ୧୯ ତାରିଖରେ ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ ୨୦ ତାରିଖରେ ରାଜ୍ୟରେ ବଡ଼ ବର୍ଷା ହେବାର ସୂଚନା ଦିଆଯାଇଛି। ୨୪ ଜିଲ୍ଲାରେ ପ୍ରବଳ ବର୍ଷା ହେବାକୁ ଥିବାବେଳେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଓ ସମ୍ବଲପୁର ଜିଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଘଡ଼ଘଡ଼ି ବର୍ଷା ସହିତ ୫୦ରୁ ୬୦ କି.ମି. ବେଗରେ ପବନ ବହିବା ନେଇ ପୂର୍ବାନୁମାନ କରାଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, ଅନୁଗୋଳ, ଢେଙ୍କାନାଳ, ଦେଓଗଡ଼, ସୋନପୁର, ବୌଦ୍ଧ, ନୂଆପଡ଼ା ଏବଂ ବଲାଙ୍ଗୀର, କଳାହାଣ୍ଡି, *(ପୃଷ୍ଠା ୭ରେ)*

# ଟେନସନ୍ ଶେଷ ! କମର୍ସିଆଲ ଗ୍ୟାସ୍ ସିଲିଣ୍ଡର ନେଇ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି



**ନୂଆଦିଲ୍ଲୀ, ୧୮ ।୩**

ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଦେଶରେ ଏଲ୍‌ପିଜି ଏବଂ ତେଲ ସଙ୍କଟ ଦେଖାଯାଇଛି। ଏହାରି ଭିତରେ ସରକାର ବୁଧବାର ବଡ଼ ନିଷ୍ପତ୍ତି ନେଇଛନ୍ତି । ସରକାର ସ୍ପଷ୍ଟ କରିଛନ୍ତି ଯେ ଘରୋଇ ଏଲପିଜି ଏବଂ ପିଏନଜିର ଯୋଗାଣ ନିରନ୍ତର ଏବଂ କୌଣସି କଟକଣା ବିନା ଜାରି ରହିଛି । ତଥାପି, ଭବିଷ୍ୟତର ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି କିଛି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କାର୍ଯ୍ୟକାରୀ କରାଯାଉଛି। ସମସ୍ତ ରାଜ୍ୟକୁ ବର୍ତ୍ତମାନ ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର ପାଇଁ ଅତିରିକ୍ତ ୧୦% ଏଲପିଜି କୋଟା ଆବଣ୍ଟିତ କରାଯିବ।

ଏହି ପଦକ୍ଷେପ ଛୋଟ ବ୍ୟବସାୟୀ ଏବଂ ରେଷ୍ଟୁରାଣ୍ଟ ମାଲିକମାନଙ୍କ ପାଇଁ ବିଶେଷ ଲାଭଦାୟକ ପ୍ରମାଣିତ ହେବ ବୋଲି ଆଶା କରାଯାଉଛି । ଯେଉଁମାନେ ପୂର୍ବରୁ ପର୍ବପର୍ବାଣୀ କିମ୍ବା ବୃଦ୍ଧି ଚାହିଦା ସମୟରେ ଅଭାବର ସମ୍ମୁଖୀନ ହୋଇଥିଲେ ସେମାନେ ଆଶ୍ୱସ୍ତି ପାଇବେ । ବର୍ତ୍ତମାନ, ସମସ୍ତ ରାଜ୍ୟକୁ କୌଣସି ବାଧା ବିନା କମର୍ସିଆଲ ଏଲପିଜି ଯୋଗାଣ କରାଯାଉଛି । *(ପୃଷ୍ଠା ୭ରେ)*


15001/9/2526

ରାଷ୍ଟ୍ରୀୟ ନବବର୍ଷ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା



ଜୟ ଜଗନ୍ନାଥ!

ଚୈତ୍ର ଶୁକ୍ଳ ପ୍ରତିପଦା ରାଷ୍ଟ୍ରୀୟ ନବବର୍ଷ ଅବସରରେ ରାଜ୍ୟବାସୀ ଭାଇଭଉଣୀ ତଥା ସମଗ୍ର ଦେଶବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଭାରତବର୍ଷର ଐତିହାସିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରମ୍ପରାରେ ଗୁରୁତ୍ୱ ବହନ କରୁଥିବା ଏହି ଦିବସଟି ଅତ୍ୟନ୍ତ ଶୁଭ ଓ ମଙ୍ଗଳମୟ । ରାଷ୍ଟ୍ରୀୟ ନବବର୍ଷ ଆପଣମାନଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଆଣୁ ଏହା ହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମୋର ପ୍ରାର୍ଥନା ।

ବନ୍ଦେ ମାତରମ୍

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/25-26/0009

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୯ ମାର୍ଚ୍ଚ, ୨୦୨୬ ଗୁରୁବାର





## ବ୍ୟାସନଗରଠାରେ ରାଜ୍ୟସ୍ତରୀୟ ସାହିତ୍ୟ ମହୋତ୍ସବ

# ଓଡ଼ିଆ ସାହିତ୍ୟରେ ଯୁବ ପିଢିଙ୍କ ଭୂମିକା ଉପରେ ଆଲୋକପାତ

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**

ଆମ ସାହିତ୍ୟ ପରିବାର ବ୍ୟାସନଗର ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ସାହିତ୍ୟ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ, ସଂସ୍କୃତି ଓ ସୃଜନଶୀଳତାର ସୁନ୍ଦର ସମନ୍ୱୟରେ ଆୟୋଜିତ ଏହି ଉତ୍ସବରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ବହୁ ସଂଖ୍ୟାରେ ସାହିତ୍ୟିକ, କବି, ଗାଳ୍ପିକ ଓ ସାହିତ୍ୟପ୍ରେମୀ ବ୍ୟକ୍ତିମାନେ ଯୋଗଦେଇଥିଲେ। ସ୍ଥାନୀୟ ଉତ୍ସବ ପ୍ୟାଲେସ ପରିସରରେ ଆୟୋଜିତ ଏହି ଭବ୍ୟ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ ବ୍ୟଙ୍ଗକାର ତଥା ସ୍ତମ୍ଭକାର ଜ୍ଞାନ ହୋତା କହିଲେ ଯେ ସାହିତ୍ୟ ମଧ୍ୟ ଅନୁଭୂତିରୁ ସୃଷ୍ଟି ହେଇଥାଏ। ଆଜି ମଧ୍ୟପ୍ରାଚ୍ୟରେ ଯୁଦ୍ଧର ଘନାଘଟା ଛାଇ ଯାଇଥିବା ବେଳେ ସାହିତ୍ୟିକ ଟିଏ ଖୋଜିଥାଏ ଯୁଦ୍ଧରେ ସହିଦ ହୋଇଥିବା ସୈନିକ ଟିକୁ। ଯୁଦ୍ଧ କରି କିଏ ନୋବେଲ ପୁରସ୍କାର ପାଇଁ ଲାଳାୟିତ ଥିବା ବେଳେ ସାହିତ୍ୟିକ ଖୋଜିଥାଏ ଯୁଦ୍ଧରେ ମାଆକୁ ହରାଇଥିବା କୋମଳମତୀ ଶିଶୁର କ୍ରନ୍ଦନକୁ। ଏହିଭଳି ଭାବେ ଲେଖକଟିଏ ସମାଜର ଦର୍ପଣ ଭାବେ କାମ କରେ ବୋଲି ଶ୍ରୀ ହୋତା କହିଥିଲେ। ଯୁବ କଥାଶିଳ୍ପୀ ଡ଼. ପ୍ରଜ୍ଞାପ୍ରବର୍ତ୍ତିକା ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମକାଳୀନ ଓଡ଼ିଆ ସାହିତ୍ୟରେ ଯୁବ ପିଢ଼ିର ଭୂମିକା ଓ ସୃଜନଶୀଳତା ବିଷୟରେ ମତ ପ୍ରକାଶ କରିଥିଲେ। ସମ୍ମାନିତ ବକ୍ତା ଭାବେ ଦାନଗଦି ବିଡ଼ିଓ ପ୍ରଦୀପ କୁମାର ସେଠୀ ଯୋଗଦେଇ ସାହିତ୍ୟ ଓ ସମାଜ ମଧ୍ୟରେ ଥିବା ଗାଢ଼ ସମ୍ପର୍କକୁ ଅବତାରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ଜଗବନ୍ଧୁ ସାମଲ ସାହିତ୍ୟ ମାନବିକତାକୁ ଜାଗ୍ରତ କରିବାର ଶକ୍ତି ରଖିଥାଏ ବୋଲି ତାଙ୍କ ଅଭିଭାଷଣରେ କହିଥିଲେ। ଉତ୍ସବର ପ୍ରଥମ ଅଧିବେଶନରେ କବିତା ଆସର ଆୟୋଜନ କରାଯାଇଥିଲା। କବି ତଥା ଅନୁଷ୍ଠାନର ସହସମ୍ପାଦିକା ମଧୁସ୍ମିତା ନାୟକ, ଅନିନ୍ଦିତା ବେହେରା, ଡକ୍ଟର ଅମୂଲ୍ୟ କୁମାର ସେନାପତି ଏବଂ ତାନଶ୍ରୀ ପାଣିଗ୍ରାହୀଙ୍କ ସଂଯୋଜନାରେ ୧୦୦ରୁ ଅଧିକ କବି ଓ କବୟିତ୍ରୀ ସେମାନଙ୍କ ସ୍ୱରଚିତ କବିତା ଆବୃତ୍ତି କରି ସାହିତ୍ୟପ୍ରେମୀଙ୍କୁ ମନମୁଗ୍ଧ କରିଥିଲେ ଏବଂ ଅନୁଷ୍ଠାନ ପକ୍ଷରୁ ପ୍ରଶଂସା ପତ୍ର ଗ୍ରହଣ କରିଥିଲେ। ସଭା ପ୍ରାରମ୍ଭରେ ଅନୁଷ୍ଠାନର ଉପଦେଷ୍ଟା ପଣ୍ଡିତ ଅକ୍ଷୟ କୁମାର ଦାଶ ତାଙ୍କ ବକ୍ତବ୍ୟରେ ସାହିତ୍ୟ ଅନୁଷ୍ଠାନମାନଙ୍କର ଭୂମିକା ଏବଂ ସେମାନଙ୍କୁ ଉତ୍ସାହିତ କରିବାର ଲକ୍ଷ୍ୟ ନେଇ



ଆମ ସାହିତ୍ୟ ପରିବାରର ଅନୁଷ୍ଠାନ ମନଙ୍କୁ ଉତ୍କର୍ଷ ସମ୍ମାନ ପ୍ରଦାନ କରିବାର ପରମ୍ପରା ଆମକୁ ବେଶ ଆନନ୍ଦ ପ୍ରଦାନ କରିଛି ବୋଲି କହିଥିଲେ। ସମାରୋହରେ ରାଜ୍ୟର ୮ଟି ଜିଲ୍ଲାରୁ ଆସିଥିବା ୧୪ ଜଣ ବିଶିଷ୍ଟ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହା ସହିତ ସାହିତ୍ୟ ଓ ସାଂସ୍କୃତିକ କ୍ଷେତ୍ରରେ ସର୍ବକାଳୀନ ସଫଳତା ପାଇଁ ୪ଟି ସାହିତ୍ୟ ଅନୁଷ୍ଠାନକୁ "ଉତ୍କର୍ଷ ସମ୍ମାନ" ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରେ 'ଚଲାପଥ' କୋରାଇ ମଣ୍ଡଳ ସାହିତ୍ୟ ସଂସଦ, ଯାଜପୁର ଜିଲ୍ଲା ଲେଖକ ସମ୍ମେଳନ ଏବେ ଜିଲ୍ଲା ଲେଖିକା ସଂସଦ ଯାଜପୁରକୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ସରୋଜ କୁମାର ଶତପଥୀ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିବା ବେଳେ ସଭାପତି ଶ୍ରୀ ଅଲେଖ ପ୍ରାସାଦ ମହାରଣା ସ୍ୱାଗତ ଭାଷଣ ଦେଇଥିଲେ। ସେହିପରି ଆମ ସାହିତ୍ୟ ପରିବାରର ସଂଗଠନ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସୁଜିତ କୁମାର ମଲ୍ଲିକ ସଭାମଞ୍ଚକୁ ପରିଚାଳନା କରିଥିଲେ। ମମତାମୟୀ ଦାଶ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ସଭ୍ୟ ମହେଶ୍ୱର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସମଗ୍ର ସମାରୋହରେ ୨୦୦ରୁ ଅଧିକ ସାହିତ୍ୟିକ ଓ ସାହିତ୍ୟପ୍ରେମୀ ଯୋଗଦେଇ କାର୍ଯ୍ୟକ୍ରମକୁ ସାହିତ୍ୟମୟ ଓ ସ୍ମରଣୀୟ କରିଥିଲେ। ଉତ୍ସବରେ ଅନୁଷ୍ଠାନର କର୍ମକର୍ତ୍ତା ଅଶାନ୍ତି ସାମଲ, ପ୍ରତିଭା ପାତ୍ର, ପ୍ରସନ୍ନ ପରିଜାଙ୍କ ସମେତ ସମସ୍ତ ସଦସ୍ୟ, ବୁଦ୍ଧିଜୀବୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଅତିଥିମାନେ "ଆମ ସାହିତ୍ୟ ପରିବାର"ର ଏହି ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ।

# ମାର୍ଚ୍ଚ ୨୮ରୁ ଚୌଦ୍ୱାର ମହୋତ୍ସବ



**ଚୌଦ୍ୱାର, ନ୍ୟୁଜ ବ୍ୟୁରୋ**

ମୁଣ୍ଡମାଳ ଛକସ୍ଥିତ ତାରିଣୀ ମଣ୍ଡପରେ ଚୌଦ୍ୱାର ମହୋତ୍ସବ ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଦିନ ଅନୁଷ୍ଠିତ ହୋଇ ଯାଇଛି। ଶ୍ରୀକାନ୍ତ ପାକଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଅଞ୍ଚଳର ବହୁ ବ୍ୟକ୍ତି ବିଶେଷ ଯୋଗଦେଇ ଆୟୋଜିତ ହେବାକୁଥିବା ମହୋତ୍ସବକୁ 'ବିରାଟ ମହୋତ୍ସବ' ନାମରେ ନାମିତ କରିବା ପାଇଁ ସ୍ଥିର କରିଥିଲେ। ଚଳିତ ମାର୍ଚ୍ଚମାସ ୨୮ ଓ ୨୯ ତାରିଖ ଦୁଇଦିନ ଧରି ସ୍ଥାନୀୟ କପାଳେଶ୍ୱର ପଡ଼ିଆରେ ମହୋତ୍ସବ ଅନୁଷ୍ଠିତ ହେବବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ମହୋତ୍ସବ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇ ଏହାର ସଦସ୍ୟ ଚୟନ କରାଯାଇଥିଲା। କମିଟିରେ ସୁବାସ ଚନ୍ଦ୍ର ଦଳାଇ-ସଭାପତି, ସୁରେଶ ରାଉତରାୟ-ସମ୍ପାଦକ ଓ ମାନସ ଖୁଣ୍ଟିଆଙ୍କୁ କୋଷାଧକ୍ଷ ଭାବେ ତଥା କମିଟିର ଅନ୍ୟ ସଦସ୍ୟମାନଙ୍କୁ ମନୋନୀତ କରାଯାଇଥିଲା। ଏଥି ସହିତ ଅଭ୍ୟର୍ଥନା କମିଟି, ଅର୍ଥ ସଂଗ୍ରହ କମିଟି ଏବଂ ଅଭ୍ୟର୍ଥନା କମିଟି ପାଇଁ ମଧ୍ୟ ସଦସ୍ୟ ଚୟନ କରାଯାଇଥିଲା। ଉପଦେଷ୍ଟା ଭାବେ ଶରତ ଖୁଣ୍ଟିଆ, ଦିଲ୍ଲିପ ଛତାର, ନାରାୟଣ ସ୍ୱାଇଁ, ବିଶ୍ୱକଲ୍ୟାଣ ଦାସ, ବିଶ୍ୱରଞ୍ଜନ କର, ମନୋରଞ୍ଜନ ସାହୁ, ସୁରେଶ ପୃଷ୍ଟି, ଅଶୋକ ମହାନ୍ତି, ଅଂଶୁମାନ ମହାପାତ୍ର, ଜୟ ସିଂ, ପ୍ରତାପ ଜେନା, ଲକ୍ଷ୍ମୀଧର ଖୁଣ୍ଟିଆ ପ୍ରମୁଖଙ୍କୁ ମନୋନୀତ କରାଗଲା। ମହୋତ୍ସବକୁ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରାଯିବା ସହିତ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

# ଜବରଦଖଲରେ ସରକାରୀ ଜମି
# ପ୍ରଶାସନର ଦ୍ୱାରସ୍ଥ ହେଲେ ସ୍ଥାନୀୟ ବାସିନ୍ଦା

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

ସମ୍ବଲପୁର ମହାନଗର ଅନ୍ତର୍ଗତ ଦୁର୍ଗାପାଲି ଖଡିଆପଡାରେ ଥିବା ସରକାରୀ ଜମି ଜବରଦଖଲ ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏନେଇ ପଡା ବାସିନ୍ଦା ସମ୍ବଲପୁର ତହସିଲଦାରଙ୍କ ସମେତ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ପଡାବାସୀ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ସମ୍ବଲପୁର ତହସିଲ ଅନ୍ତର୍ଗତ ୟୁନିଟ ନମ୍ବର ୧୦ ଦୁର୍ଗାପାଲିରେ ପ୍ଲଟ ନମ୍ବର ୧୦୯୯ରେ ୪ ଡେସିମିଲ ସରକାରୀ ଜମି ରହିଛି। ଏହି ଜମିରେ ସ୍ଥାନୀୟ ଖଡିଆପଡା ଅଂଚଳର ବାସିନ୍ଦା ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ସାମୁହିକ ଭୋଜି ଆଦି ଆୟୋଜନ କରି ଆସୁଛନ୍ତି। ଗତ କିଛି ମାସ ତଳେ ଜଣେ ଜମି ମାଫିଆ ଏହାକୁ ଲାଗି ରହିଥିବା ଜମି କ୍ରୟ କରିବା ସହ ସରକାରୀ ଜମିଟିକୁ ହଡପ କରିବାକୁ ଉଦ୍ୟମ କରି ଆସୁଛି। ଏହାକୁ ନେଇ କିଛି ମାସ ଧରି ସ୍ଥାନୀୟ ଲୋକଙ୍କ ସହ ତଥାକଥିତ ଜମି ମାଫିଆ ସହ ମୁହାଁମୁହିଁ ହେବା ଏପରିକି ବିଭିନ୍ନ ସମୟରେ ଏକ ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି ହୋଇ ଏକ ଅଶାନ୍ତକର ବାତାବରଣ ସୃଷ୍ଟି ହୋଇଆସୁଛି। ତେଣୁ ସ୍ଥାନୀୟ ଆଦିବାସୀ ଲୋକେ ଏହି ଅଞ୍ଚଳରେ ପୂର୍ବ ଭଳି ଶାନ୍ତି ପରିବେଶ ବଜାୟ ରଖିବା ପାଇଁ ସରକାରୀ ଜମି ଜବରଦଖଲ ଅଭିସନ୍ଧି ସମ୍ପର୍କରେ ସମ୍ବଲପୁର ତହସିଲଦାର ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଏକ ଦାବିପତ୍ର ପ୍ରଦାନ କରିବା ସହ ଉକ୍ତ ଜମି ଚିହ୍ନଟ କରିବାକୁ ଅନୁରୋଧ କରିଛନ୍ତି। ଏଥିସହ ସ୍ଥାନୀୟ ଲୋକେ ଯେମିତି ପୂର୍ବଭଳି ସାମୁହିକ କାର୍ଯ୍ୟ ବିନା ସମସ୍ୟାରେ କରିପାରିବେ ସେନେଇ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ଦାବି କରିଛନ୍ତି। ଏଭଳି ଅଭିଯୋଗ ପାଇବା ପରେ ସମ୍ବଲପୁର ତହସିଲଦାରଙ୍କ ତରଫରୁ ନିଶ୍ଚିତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାର ପ୍ରତିଶ୍ରୁତି ମିଳିଥିବା ଅଭିଯୋଗକାରୀ ଲୋକେ କହିଛନ୍ତି।

# ଶିକ୍ଷାନୁଷ୍ଠାନର ପ୍ରଗତିରେ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ରମ୍ଭା, ନ୍ୟୁଜ ବ୍ୟୁରୋ**

ଉତ୍କଳ ପ୍ରଦେଶ ଗଠନର ଏନ୍ତୁଡ଼ିଶାଳ ଐତିହ୍ୟ ସମ୍ପନ୍ନ ସ୍ଥାନୀୟ ସହର ଏମ୍.ଏସ୍.ଭି ପବ୍ଲିକ ସ୍କୁଲର ସପ୍ତମ ବାର୍ଷିକ ଉତ୍ସବ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଭିତରେ ପ୍ରତିଷ୍ଠାତା ବିଶ୍ୱଜିତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ, ଗଞ୍ଜାମ ବିନିତା ମିଶ୍ର,



ମୁଖ୍ୟ ବକ୍ତା ଭାବେ ରାଜ୍ୟପାଳ ପୁରସ୍କୃତ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ପୁରୁଷୋତ୍ତମପୁର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଜୟ ଚନ୍ଦ୍ର ବେହେରା, ଏମ୍.ଏସ୍.ଭି ଗ୍ରୁପର ଚେୟାରମ୍ୟାନ ତଥା ପ୍ରେରଣାଦାୟୀ ବକ୍ତା ସ୍ମୃତି ରଞ୍ଜନ ସାହୁ, ପୋଲସରା ଏମ୍.ଏସ୍.ଭି ଅଧ୍ୟକ୍ଷ ବଶିଷ୍ଠ ପାଣିଗ୍ରାହୀ, କୁଲାଡ ଏମ୍.ଏସ୍.ଭି ଅଧ୍ୟକ୍ଷ ଅଜିତ୍ କୁମାର ବେହେରା, ଅଧ୍ୟକ୍ଷା ସାବିତ୍ରୀ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ମାତ୍ର ୭ ବର୍ଷ ମଧ୍ୟରେ ଅନୁଷ୍ଠାନର ପ୍ରଗତିକୁ ଉଚ୍ଚ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ନିଜ ନିଜର କର୍ତ୍ତବ୍ୟ ସୂଚାରୁ ରୂପେ ପରିଚାଳନା କରିବା ପାଇଁ ପରାମର୍ଶ ଦେଇଥିଲେ। ସଭାର ପ୍ରାରମ୍ଭରେ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ବିଘ୍ନନାଶକ ଶ୍ରୀ ଶ୍ରୀ ଗଣେଶଙ୍କ ପ୍ରତିମୂର୍ତ୍ତି ନିକଟରେ ନିମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଉପସ୍ଥାପକ ରୂପେ ଦୀପକ କୁମାର ପୃଷ୍ଟି ରହିଥିବା ବେଳେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ବେଶ୍ ମନମୁଗ୍ଧକର ହୋଇଥିଲା। ବିଦ୍ୟାଳୟର ସମ୍ପାଦକ ତଥା ଅଧ୍ୟକ୍ଷା ସାବିତ୍ରୀ ଆଚାର୍ଯ୍ୟ ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ। ଅନୁଷ୍ଠାନରେ ଉପଯୁକ୍ତ ଶୈକ୍ଷିକ ବାତାବରଣ ସୃଷ୍ଟି ହୋଇଥିବା ଯୋଗୁଁ ମାତ୍ର ୭ ବର୍ଷରେ ଏହାର ଛାତ୍ରଛାତ୍ରୀ ସଂଖ୍ୟା ୪୦୦ ରେ ପହଞ୍ଚି ପାରିଥିବା ଉଲ୍ଲେଖ କରାଯାଇଥିଲା। ତତ ସହିତ ଆବ୍ରାହମ ଲିଙ୍କନ, ନେପୋଲିନ ବନାପାର୍ଟ, ଇଜ୍ରାଏଲ ସମେତ ଅନେକ ଶିକ୍ଷଣୀୟ ବିଷୟ ବାସ୍ତୁ ଉପରେ ଆଲୋକପାତ କରାଯାଇଥିଲା। ଚଳିତ ବର୍ଷ ପ୍ରତି ଶ୍ରେଣୀରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ବିଭିନ୍ନ ଛାତ୍ରଛାତ୍ରୀମାନଙ୍କୁ ମଞ୍ଚାସିନ ବ୍ୟକ୍ତିମାନେ ପୁରସ୍କୃତ କରିଥିଲେ। ସଭା ପରେ ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପରିବେଷିତ ମନୋରଞ୍ଜନ କାର୍ଯ୍ୟକ୍ରମ ବେଶ ଚିତ୍ତାକର୍ଷକ ଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ଗଣ ପରିଚାଳନା କରିଥିଲେ।

# ଆଦିତ୍ରୀ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ(ଏମ୍ସ)
# ବଲାଙ୍ଗୀର ନର୍ସିଂ ସ୍କୁଲ ତୃତୀୟ ଶପଥ ଗ୍ରହଣ ଉତ୍ସବ

**ବଲାଙ୍ଗୀର, ନ୍ୟୁଜ ବ୍ୟୁରୋ**

ବଲାଙ୍ଗୀର ସହର ସ୍ଥିତ ସ୍ଥିତ ଆଦିତ୍ରୀ ଉନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ସୁଦପଡା ଶପଥ ଗ୍ରହଣ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ବି.ଏସ୍.ସି. ନର୍ସିଂ ୯ ଓ ଜି.ଏନ୍.ଏମ୍ ୪୯ ଜଣ ଛାତ୍ର ଛାତ୍ରୀ ଶପଥ ନେଲେ। ଆଦିତ୍ରୀ ନର୍ସିଂ ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଭାକର ମିଶ୍ରଙ୍କ ସଭାପତିତ୍ୱ ଓ ନିର୍ଦ୍ଦେଶିକା ମୋନାଲିସା ଯୋଷୀଙ୍କ ସଂଯୋଜନାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପୁଷ୍ପାଞ୍ଜଳି ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଦର୍ଶ ସେବିକା ଓ ନିଷ୍ପାପର ଭାବେ ସେବା କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସରକାରୀ ଏ.ଏନ୍.ଏମ୍ ଟ୍ରେନିଂ ସେଣ୍ଟର ଅଧ୍ୟକ୍ଷ ବିନୋଦିନୀ ଦାଶ, ଉପଦେଷ୍ଟା ଡା. ସିଦ୍ଧେଶ୍ୱର ମିଶ୍ର ଓ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାଥ ମିଶ୍ର ଯୋଗଦେଇ ତ୍ୟାଗପୂତ ସେବା ପାଇଁ ପ୍ରେରଣା ଦେଇଥିଲେ। ସରକାରୀ ଏ.ଏମ୍.ଏମ୍ ଟ୍ରେନିଂ ସେଣ୍ଟର ଟ୍ୟୁଟରଗଣ ବିଶ୍ୱ ବନ୍ଦିତା ମାହୁନ୍ତ, ସନ୍ତୋଷିନୀ ସ୍ୱାଇଁ, ଅଞ୍ଜଳୀ ବାରିକ, ଅନିତା ନାଏକ ଓ ମଞ୍ଜୁ ସେଠ ଅତିଥି ଭାବେ ଯୋଗ ଦେଇ ସମୟୋପଯୋଗୀ ନର୍ସିଂ ସେବା ପାଇଁ ଉତ୍ସାହିତ କରିଥିଲେ। ଉପାଧ୍ୟକ୍ଷା ପୂଜାରାଣୀ କୁଅଁର ଅଧ୍ୟାପକ ବୃନ୍ଦ ବଂଶୀଧର ଦାଶ, ଅନିଷା ହୋତା, ଅସିତ ଜେନା, ସୁଜାତା ମିର୍ଦ୍ଧା ପ୍ରମୁଖ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ଅନୁଷ୍ଠାନର ପରିଚାଳନା ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ର ଛାତରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

# ହଳଦୀରେ ଅମାନୁଷିକ କାଣ୍ଡ: ସୋଲାର
# ପ୍ଲାଣ୍ଟରେ ନିଆଁ ଲଗାଇଲେ ଦୁର୍ବୃତ୍ତ

**ବଲାଙ୍ଗୀର, ନ୍ୟୁଜ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ୍ ହଳଦୀ ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। କେହି ଦୁର୍ବୃତ ଚାଷ ଜମିରେ ଥିବା ସରକାରୀ ସୋଲାର ପ୍ଲାଂଟରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତି ନଷ୍ଟ ହେବା ସହ ଜଣେ ଗରିବ ଚାଷୀଙ୍କ ରୋଜଗାରର ପନ୍ଥା ବନ୍ଦ ହୋଇଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ହଳଦୀ ଗ୍ରାମର ଚାଷୀ ବିରାଜ ମହାକୁଡ଼ଙ୍କ ଜମିରେ 'ପିଏମ୍ କୁସୁମ' ଯୋଜନାରେ ଏକ ସୌରଚାଳିତ ଜଳ ସେଚନ ପ୍ରକଳ୍ପ ସ୍ଥାପନ କରିଥିଲେ। ଗତ ୧୪/୦୩/୨୦୨୬ ତାରିଖ ଦିନ ପ୍ରାୟ ଦିବା ସମୟରେ କେହି ଦୁର୍ବୃତ ଜମି ମଧ୍ୟକୁ ପ୍ରବେଶ କରି ପ୍ଲାଂଟ ତଳେ ଥିବା ଶୁଖିଲା ଘାସରେ ନିଆଁ ଲଗାଇ ଦେଇଥିଲେ। ଦେଖୁ ଦେଖୁ ନିଆଁର ପ୍ରକୋପ ବଢ଼ି ଯାଇଥିଲା ଏବଂ ସମ୍ପୂର୍ଣ୍ଣ ସୋଲାର ପ୍ୟାନେଲ୍, ତାର ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ପୋଡ଼ି ନଷ୍ଟ ହୋଇଯାଇଥିଲା। ପ୍ରକଳ୍ପଟି ସମ୍ପୂର୍ଣ୍ଣ ଅଚଳ ହୋଇଯାଇଥିବାରୁ ବିରାଜ ମହାକୁଡ଼ ଏବେ ଭାଙ୍ଗି ପଡ଼ିଛନ୍ତି। ଉକ୍ତ ସୋଲାର ପ୍ଲାଂଟଟି ପାଖାପାଖି ୩ ଲକ୍ଷ ୯୩ ହଜାର ୮୧୮ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିଲା। ଅଗ୍ନିକାଣ୍ଡ ପରେ ପ୍ରକଳ୍ପରୁ ଆଉ ପାଣି ବାହାରୁ ନଥିବାରୁ ଆଗାମୀ ଦିନରେ ଚାଷ କାମ କିଭଳି ହେବ,ସେ ନେଇ ଚାଷୀ ଚିନ୍ତିତ ହୋଇପଡିଛନ୍ତି। ସେ ଘଟଣା ସମ୍ପର୍କରେ ମୁରିବାହାଲ ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛନ୍ତି। ଉପଯୁକ୍ତ ତଦନ୍ତ ଓ ଦୁର୍ବୃତଙ୍କୁ ଚିହ୍ନଟ କରି ତୁରନ୍ତ ଗିରଫ କରିବା ପାଇଁ ପୀଡ଼ିତ ଓ ହଳଦୀ ଗ୍ରାମବାସୀ ଦାବି କରିଛନ୍ତି।

# ଜିଲ୍ଲା ତୈଳିକ ବୈଶ୍ୟ ସମାଜର
# ପରିବର୍ଦ୍ଧିତ କାର୍ଯ୍ୟକାରଣୀ ବୈଠକ

**ବଲାଙ୍ଗୀର, ନ୍ୟୁଜ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ତୈଳିକ ବୈଶ୍ୟ ସମାଜ ପକ୍ଷରୁ ରବିବାର ଦିନ ଏକ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଶାନ୍ତିପଡା ସ୍ଥିତ ତୈଳିକ ବୈଶ୍ୟ ସମାଜର କଲ୍ୟାଣ ମଣ୍ଡପରେ ଜିଲ୍ଲା ସଭାପତି ଉମାକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସଭାରେ ଜିଲ୍ଲାର ୧୪ଟି ବ୍ଲକ ଓ ନଗର କମିଟିର ପ୍ରମୁଖ ସଦସ୍ୟମାନେ ଯୋଗଦେଇ ସମାଜର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ବିଗତ ଦିନରେ କଲ୍ୟାଣ ମଣ୍ଡପ ନିର୍ମାଣ ନିର୍ମାଣ କାର୍ଯ୍ୟରେ ହୋଇଥିବା ଆୟ ଓ ବ୍ୟୟ ସମ୍ପର୍କରେ ସମ୍ପାଦକ ପ୍ରଦୀପ ସାହୁ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହା ଉପରେ ସଦସ୍ୟମାନଙ୍କ ମଧ୍ୟରେ ଆଲୋଚନା ହୋଇଥିବା ବେଳେ କଲ୍ୟାଣ ମଣ୍ଡପର ଅବଶିଷ୍ଟ କାର୍ଯ୍ୟଗୁଡିକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ସମସ୍ତଙ୍କ ମତାମତ ଗ୍ରହଣ କରାଯାଇଥିଲା। ସେହିପରି ପୁରୁଣା ଅଫିସ ଗୃହକୁ ଭାଂଗି ସମସ୍ତ ସାମଗ୍ରୀ କୁ ନୂତନ ଗୃହକୁ ସ୍ଥାନାନ୍ତର କରିବା, ଏକ ସୁନ୍ଦର ମୁଖ୍ୟଦ୍ୱାର ନିର୍ମାଣ କରି ନିଜସ୍ୱ କାମକୁ ଅଗ୍ରଗତି କରାଯିବା ପାଇଁ ସଭାରେ ସର୍ବସମ୍ମତି ପ୍ରକାଶ ପାଇଥିଲା। ଏହା ସହ କଲ୍ୟାଣ ମଣ୍ଡପର ଭିତର ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ଆଗକୁ ନେବା ସହ ଜିଲ୍ଲାର ୧୪ଟି ବ୍ଲକ କମିଟିକୁ ପୁନର୍ଗଠନ କରିବା ଏବଂ ଯୁବ ଓ ମହିଳା ଗୋଷ୍ଠୀ ବିଶାଳ ସଦସ୍ୟତା ଗଠନ କରି ସମଗ୍ର ଜିଲ୍ଲାରେ ତେଲି ସମାଜର ଭାଇ ଓ ଭଉଣୀମାନଙ୍କୁ ଏକତ୍ରିତ କରାଯିବାର ନିଷ୍ପତି ଗ୍ରହଣ କରାଯାଇଥିଲା। ସଭାରେ ଉପସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ, କାର୍ଯ୍ୟକାରିଣୀ ସଦସ୍ୟ, ବିଭିନ୍ନ ବ୍ଲକର ସଭାପତି ଓ ସମ୍ପାଦକ ସହ ଅନ୍ୟାନ୍ୟ ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ବିକାଶ ସାହୁ ଧନ୍ୟବାଦ ଜ୍ଞାପନ କରିଥିବା ବେଳେ ସମ୍ପାଦକ ଫିରୋଜ କୁମାର ସାହୁ ସଭାର ସମସ୍ତ ବ୍ୟବସ୍ଥାପନା କରିଥିଲେ।

# ଭୂତ କୋଠି ପାଲଟିଛି ଗୋଇମୁଣ୍ଡ ଅଙ୍ଗନବାଡ଼ି କେନ୍ଦ୍ର

**ବଲାଙ୍ଗୀର, ନ୍ୟୁଜ ବ୍ୟୁରୋ**

କୁହାଯାଏ ଶିଶୁ ହସିଲେ ଦେଶ ହସିବ ଆଜିର ଶିଶୁ ଆସନ୍ତା କାଲିର ଭବିଷ୍ୟତ। ଏଣୁ ରାଜ୍ୟ ଓ କେନ୍ଦ୍ର ସରକାର ଶିଶୁ ବିକାଶ ପାଇଁ ବାର୍ଷିକ କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଛନ୍ତି। ଅଙ୍ଗନବାଡ଼ି କେନ୍ଦ୍ର ମାଧ୍ୟମରେ ଗ୍ରାମାଞ୍ଚଳର ଶିଶୁଙ୍କୁ ମାଗଣା ପୃଷ୍ଟିକର ଖାଦ୍ୟ ପ୍ରଦାନ ସହ ପୋଷାକ, ବହିପତ୍ର ସବୁ ପ୍ରଦାନ କରାଯାଇ ଶାରୀରିକ ଓ ବୈ !ଦ୍ଧିକ ବିକାଶ ପାଇଁ ଶିକ୍ଷା ଦିଆଯାଉଛି। ହେଲେ ବାସ୍ତବରେ ଅନେକ ସ୍ଥାନରେ ଏହା କେବଳ କାଗଜପତ୍ରରେ ସୀମିତ ରହୁଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଅନ୍ତର୍ଗତ ଗୋଲାମୁଣ୍ଡ ପଂଚାୟତର ଗୁରୁଣ୍ଡା ଗ୍ରାମରେ। ଏଠାରେ ଦୀର୍ଘଦିନ ହେବ ଅଙ୍ଗନବାଡ଼ି କେନ୍ଦ୍ର ଜରାଜୀର୍ଣ୍ଣ ଭାବେ ପଡି ରହି ଥିବାରୁ ଶିଶୁ ମାନଙ୍କ ଶୈଶବ ଏବେ ଅସୁରକ୍ଷିତ ହୋଇପଡିଛି। ସରକାର 'ମମତା' ଭଳି ଅନେକ ଯୋଜନା ମାଧ୍ୟମରେ ଶିଶୁ ମାନଙ୍କ ବିକାଶ ପାଇଁ ଡିମଡିମ ପିଟୁଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ ଅତି ଭୟଙ୍କର। ମାତ୍ର ଗୁରୁଣ୍ଡା ଗାଁରେ ଏହି ଯୋଜନା ଗୁଡ଼ିକ କେତେଦୂର ଫଳପ୍ରଦାନ ହେଉଛି, ତାହା ଏହି ଚିତ୍ରରୁ ସ୍ପଷ୍ଟ ଜଣାପଡୁଛି। ଗ୍ରାମବାସୀଙ୍କ ସହଯୋଗରେ ଅଙ୍ଗନବାଡ଼ି କର୍ମୀଙ୍କ ଘର ବାରଣ୍ଡାରେ ପିଲାମାନେ ବସୁଥିବାରୁ ସେମାନଙ୍କ ସୁରକ୍ଷା ଓ ଶିକ୍ଷାଦାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘରର ଏକ କୋଣରେ ପିଲାମାନେ ବସୁଥିବା ବେଳେ ସେହି ପାଖରେ ହିଁ ସେମାନଙ୍କ ପାଇଁ ରୋଷେଇ ଚାଲିଛି, ଯାହାକି ଯେକୌଣସି ମୁହୂର୍ତ୍ତରେ ଏକ ବଡ ଦୁର୍ଘଟଣାକୁ ନିମନ୍ତ୍ରଣ ଦେଉଛି। ପ୍ରବଳ ଖରା କିମ୍ବା ବର୍ଷା ସମୟରେ ପରିସ୍ଥିତି ଅଧିକ ଜଟିଳ ହୋଇପଡିଛି। ସ୍ଥାନୀୟ ପ୍ରଶାସନ ସବୁ ଜାଣି ମଧ୍ୟ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି। ଅଙ୍ଗନବାଡ଼ି କେନ୍ଦ୍ରର ଏଭଳି ଜରାଜୀର୍ଣ୍ଣ ଅବସ୍ଥାକୁ ନେଇ ସ୍ଥାନୀୟ ମହିଳା ଓ ଗ୍ରାମବାସୀ ଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପିଲାଙ୍କ ପାଇଁ ଏକ ସୁରକ୍ଷିତ ସରକାରୀ ଗୃହ ଯୋଗାଇ ଦେବାକୁ ସେମାନେ ବାରମ୍ବାର ଦାବି କରିଆସୁଛନ୍ତି।'ଆମ ପିଲାମାନେ କେତେ ଦିନ ଅନ୍ୟର ବାରଣ୍ଡାରେ ବସିବେ ? ସରକାର କ'ଣ ଏକ ଘରଖଣ୍ଡେ ନିର୍ମାଣ କରିପାରୁ ନାହାନ୍ତି' ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ଓ ମହିଳାମାନଙ୍କ ପକ୍ଷରୁ ଜୋରଦାର ଦାବି କରାଯାଇଛି। ଯଦି ପ୍ରଶାସନ ତୁରନ୍ତ ଗୁରୁଣ୍ଡା ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ନୂତନ ଗୃହ ନିର୍ମାଣ ନ କରନ୍ତି, ତେବେ ଆଗକୁ ତୀବ୍ର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏ ବିଷୟରେ ସିଡିପିଓ ପୂର୍ଣ୍ଣିମା ବୈଠାରୁଙ୍କୁ ପଚାରିବାରୁ ମୋ ପାଖକୁ ଏ ପର୍ଯ୍ୟନ୍ତ କୌଣସି ଅଭିଯୋଗ ଆସିନାହିଁ ବୋଲି କହିଥିଲେ।

# ସମ୍ବଲପୁରରେ ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନର ପ୍ରାନ୍ତୀୟ ଅଧିବେଶନ 'ଶିଖର-୨୦୨୬'

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

ଅତୀତର ଗୌରବମୟ ଇତିହାସ ହିଁ ଭବିଷ୍ୟତର ସମୃଦ୍ଧି ପାଇଁ ଶ୍ରେଷ୍ଠ ମାର୍ଗଦର୍ଶକ। ଇତିହାସର ଦର୍ପଣରେ ଆମର ସଭ୍ୟତା ଓ ସଂସ୍କୃତିକୁ ବୁଝି 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ' ଗଠନ ପାଇଁ ଏକ ନୂତନ ପଥ ପ୍ରସ୍ତୁତ କରିବା ଆଜିର ସମୟର ଆହ୍ୱାନ। ରବିବାର ସମ୍ବଲପୁରରେ ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନ ଦ୍ୱାରା ଆୟୋଜିତ ପ୍ରାନ୍ତୀୟ ଅଧିବେଶନ "ଶିଖର-୨୦୨୬"ରେ ଯୋଗଦେଇ ଏହିପରି ଏକ ପ୍ରେରଣାଦାୟୀ ବାର୍ତ୍ତା ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ। ଭାରତର ପ୍ରାଚୀନ ସଭ୍ୟତା ଠାରୁ ଆରମ୍ଭ କରି ୨୦୪୭ର ବିକଶିତ ଭାରତର ସଂକଳ୍ପ ପର୍ଯ୍ୟନ୍ତ, ମାରୱାଡ଼ି ସମାଜର ଭୂମିକା ଓ ଓଡ଼ିଶାର ଅର୍ଥନୈତିକ ପ୍ରଗତିକୁ ନେଇ ସେ ଏକ ଦୂରଦୃଷ୍ଟିସମ୍ପନ୍ନ ରୋଡମ୍ୟାପ୍ ଉପସ୍ଥାପନ କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ, ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନର ଏହି ଅଧିବେଶନ କେବଳ ଏକ ସଭା ନୁହେଁ, ବରଂ ଏହା ଏକ ଏକତା, ସଂକଳ୍ପ ଏବଂ ଭବିଷ୍ୟତ ପାଇଁ ଏକ ନୂତନ ଦିଗଦର୍ଶନର ମଂଚ। ଭାରତ ଆଜି ବିଶ୍ୱର ଚତୁର୍ଥ ବୃହତମ ଅର୍ଥନୀତି ହୋଇଥିବା ବେଳେ ଏହି ସଫଳତାରେ ସବୁ ନାଗରିକଙ୍କ ସହ ମାରୱାଡ଼ି ସମାଜର ବିଶେଷ ଅବଦାନ ଓ ଦାୟିତ୍ୱ ରହିଛି। ସେହିପରି ଭାରତୀୟ ସଂସ୍କୃତି, ପରମ୍ପରା ଓ ସଭ୍ୟତାକୁ ଆଗେଇ ନେବାରେ ମାରୱାଡି ସମାଜର ଯଥେଷ୍ଟ ଅବଦାନ ରହିଛି। ଅତୀତରେ ସୋମନାଥ ମନ୍ଦିର ଉପରେ ଆକ୍ରମଣ ଓ ଗୁଲାମୀ କାରଣରୁ ଆମେ ଆମର ଅନେକ ଗୌରବମୟ ଇତିହାସ ଭୁଲିଯାଇଥିଲେ। ମାତ୍ର ବର୍ତ୍ତମାନ ଇତିହାସର ଦର୍ପଣରେ ଭବିଷ୍ୟତ ପାଇଁ ମାର୍ଗ ପ୍ରସ୍ତୁତ କରିବାର ସମୟ ଆସିଛି। ବର୍ତ୍ତମାନ ଆମେ ଏପରି ଏକ ସମୟରେ ଉପନୀତ ହୋଇଛେ, ଯେଉଁଠି ଆମର ଲକ୍ଷ୍ୟ ହୋଇଛି ୨୦୩୬ ସୁଦ୍ଧା ଓଡ଼ିଶାକୁ ସମୃଦ୍ଧ କରିବା ସହ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ପାଇଁ ଦାୟିତ୍ୱ ନେବାକୁ ହେବ। ବିକଶିତ ଭାରତର ସ୍ୱପ୍ନ ବିକଶିତ ଓଡ଼ିଶା ବିନା ପୂରଣ ହୋଇପାରିବ ନାହିଁ। ବିକଶିତ ଭାରତ ଗଠନ କରିବାକୁ ହେଲେ ପ୍ରଥମେ ଓଡ଼ିଶାର ୫୦ ହଜାରରୁ ଅଧିକ ଥିବା ଗାଁକୁ ବିକଶିତ କରିବାକୁ ହେବ। ଯଦି ସମାଜର ଇଞ୍ଜିନ ଅର୍ଥାତ୍ ନେତୃତ୍ୱ ଓ ଅର୍ଥନୀତି ଶକ୍ତିଶାଳୀ ହୁଏ, ତେବେ ବିକାଶର ଗତି ଦ୍ରୁତ ହେବ। ତେଣୁ ଏ ଦିଗରେ ମାରୱାଡ଼ି ସମାଜ ମଧ୍ୟ ରେଳଡବାର ଇଞ୍ଜିନ ବୃହତର ଦାୟିତ୍ୱ ନେବା ଆବଶ୍ୟକ। ଶ୍ରୀ ପ୍ରଧାନ କହିଛନ୍ତି ଯେ, ସମ୍ବଲପୁରରେ ଅନେକ ସମ୍ଭାବନା ରହିଛି, ତେଣୁ ଏହାକୁ ଏକ 'ଏଜୁକେସନ ହବ୍' ଓ 'ଇକୋନୋମିକ ଜୋନ୍' ଭାବେ ଗଢ଼ିତୋଳିବା ପାଇଁ ସମସ୍ତଙ୍କର ସାମୂହିକ ଆବଶ୍ୟକତା ରହିଛି। ସେହିପରି ସେ କହିଥିଲେ, ଭାରତର ପ୍ରକୃତ ପୁଞ୍ଜି ହେଉଛି 'ଜ୍ଞାନ'। ପାଠପଢ଼ାକୁ ଗୁରୁତ୍ୱ ଦେଲେ ହିଁ ସମାଜରେ ବୈପ୍ଳବିକ ପରିବର୍ତ୍ତନ ଆସିପାରିବ। ଏହି ଅବସରରେ ଶ୍ରୀ ପ୍ରଧାନ ମାରୱାଡି ସମାଜକୁ ପରିବେଶ ସୁରକ୍ଷା ପାଇଁ ଗଛ ଲଗାଇବା ସହ ମାତୃଭାଷାକୁ ପ୍ରୋତ୍ସାହନ ଦେବା ଏବଂ ବିଶେଷ ପର୍ବ ପର୍ବାଣୀ ବା ଦିନମାନଙ୍କରେ ଅଙ୍ଗନବାଡ଼ି ଭଳି ଛୋଟ ଛୋଟ ପିଲାମାନଙ୍କୁ ଫଳ ଓ ପୋଷଣଯୁକ୍ତ ଖାଦ୍ୟ ବିତରଣ କରିବା ଏବଂ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଖାଦ୍ୟରେ ତେଲର ବ୍ୟବହାର ହ୍ରାସ କରି ସୁସ୍ଥ ରହିବା ପାଇଁ ପରାମର୍ଶ ଦେଇଛନ୍ତି।

# ଶିକ୍ଷାନୁଷ୍ଠାନରେ ରାଷ୍ଟ୍ରୀୟ ନବବର୍ଷ ପାଳନ ପାଇଁ ସରକାର ନିର୍ଦ୍ଦେଶ ଦିଅନ୍ତୁ : ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ

**କଟକ, ନ୍ୟୁଜ ବ୍ୟୁରୋ**

ରାଜ୍ୟର ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ରାଷ୍ଟ୍ରୀୟ ନବବର୍ଷ ପାଳନ କରିବା ପାଇଁ ସରକାର ନିର୍ଦ୍ଦେଶ ଦିଅନ୍ତୁ ବୋଲି ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ପକ୍ଷରୁ ଦାବି କରାଯାଇଛି।

ମହାସଂଘ ଜାତୀୟ କାର୍ଯ୍ୟକାରୀ ପରିଷଦର ସଦସ୍ୟ ଡକ୍ଟର ନାରାୟଣ ମହାନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପାଖକୁ ଏକ ପତ୍ର ଲେଖି ଏହି ଦାବି ଉପସ୍ଥାପନ କରିଛନ୍ତି। ଉକ୍ତ ପତ୍ରରେ ସେ ଲେଖିଛନ୍ତି ଯେ, ଜାନୁଆରି ପହିଲା ଆମର ନିଜସ୍ୱ ନୂଆବର୍ଷ ନୁହେଁ। ଇଂରେଜମାନେ ଏହି ଦିନକୁ ନବବର୍ଷ ଭାବେ ଆମ ଉପରେ ଲଦିଦେଇଛନ୍ତି। ଚୈତ୍ର ଶୁକ୍ଳ ପ୍ରତିପଦା ବା ବର୍ଷ ପ୍ରତିପଦା ହିଁ ଆମ ନିଜର ନୂଆବର୍ଷ ଅଟେ। ଆମର ପରମ୍ପରା ଅନୁସାରେ, ଚୈତ୍ର ଶୁକ୍ଳ ପ୍ରତିପଦା ସୃଷ୍ଟିର ପ୍ରଥମ ଦିବସ ହୋଇଥିବାରୁ ଆମେ ଏହାକୁ ନବବର୍ଷର ମାନ୍ୟତା ଦେଇଥାଉ। ଆମ ପାଇଁ ଏହି ଦିନର ପ୍ରାକୃତିକ, ଐତିହାସିକ, ଆଧ୍ୟାତ୍ମିକ ଓ ସାଂସ୍କୃତିକ ମହତ୍ତ୍ୱ ରହିଅଛି। ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକରେ ଚୈତ୍ରମାସ ଶୁକ୍ଳପକ୍ଷର ପ୍ରଥମ ଦିନକୁ ରାଷ୍ଟ୍ରୀୟ ନବବର୍ଷ ରୂପେ ପାଳନ କରାଗଲେ ଆମର ଛାତ୍ରଛାତ୍ରୀମାନେ ଭାରତୀୟ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସମ୍ବନ୍ଧରେ ଜ୍ଞାତ ହେବା ସଙ୍ଗେସଙ୍ଗେ ସେମାନଙ୍କ ମନରେ ରାଷ୍ଟ୍ରପ୍ରେମ ଜାଗ୍ରତ ହୋଇପାରିବ ବୋଲି ଡକ୍ଟର ମହାନ୍ତି ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଲିଖିତ ଚିଠିରେ ଉଲ୍ଲେଖ କରିଛନ୍ତି।

# ରାସ୍ତାଘାଟରୁ ହଟିବେ ଶିଶୁ ଭିକ୍ଷୁକ: ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଜାରିକଲା ନିର୍ଦ୍ଦେଶନାମା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟର ବିଭିନ୍ନ ସହରର ଟ୍ରାଫିକ ଛକ, ବସଷ୍ଟାଣ୍ଡ ଏବଂ ସର୍ବସାଧାରଣ ସ୍ଥାନରେ ଶିଶୁ ଭିକ୍ଷାବୃତ୍ତିକୁ ରୋକିବା ପାଇଁ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ କଠୋର ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଏନେଇ ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର ସମସ୍ତ ଜିଲ୍ଲାପାଳ, ପୋଲିସ ଅଧିକ୍ଷକ ଏବଂ ପୌରପାଳିକା କମିଶନରଙ୍କୁ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି।

ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ଗଠନ ଶିଶୁ ଭିକ୍ଷାବୃତ୍ତିର ସମ୍ପୂର୍ଣ୍ଣ ଉନ୍ମୂଳନ ପାଇଁ ପ୍ରତି ଜିଲ୍ଲାରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ 'ଜିଲ୍ଲା ଟାସ୍କ ଫୋର୍ସ' ଗଠନ କରାଯିବ। ଏହି ଟିମ୍‌ରେ ପୋଲିସ ଅଧିକ୍ଷକ, ପୌର କମିଶନର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଏବଂ ଶ୍ରମ ଅଧିକାରୀ ପ୍ରମୁଖ ସଦସ୍ୟ ରହିବେ। ଏହି ଟାସ୍କ ଫୋର୍ସ ନିୟମିତ ଭାବେ ଚଢ଼ାଉ କରି ଭିକ୍ଷାବୃତ୍ତିରେ ନିୟୋଜିତ ଶିଶୁମାନଙ୍କୁ ଉଦ୍ଧାର କରିବା ସହ ସେମାନଙ୍କର ଥଇଥାନ ପାଇଁ ବ୍ୟବସ୍ଥା କରିବେ। ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ ଉଦ୍ଧାର ହୋଇଥିବା ଶିଶୁମାନଙ୍କୁ ତୁରନ୍ତ ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରାଯାଇ ସେମାନଙ୍କୁ ଶିଶୁ ଯତ୍ନ କେନ୍ଦ୍ରରେ ରଖାଯିବ। ସେଠାରେ ସେମାନଙ୍କୁ ମାଗଣା ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ କାଉନସେଲିଂ ପ୍ରଦାନ କରାଯିବ। ଯେଉଁ ବ୍ୟକ୍ତି ବା ଗୋଷ୍ଠୀ ଶିଶୁମାନଙ୍କୁ ଜବରଦସ୍ତି ଭିକ୍ଷାବୃତ୍ତିରେ ନିୟୋଜିତ କରୁଛନ୍ତି, ସେହିଭଳି ଦଲାଲଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସର୍ବସାଧାରଣଙ୍କୁ ଶିଶୁ ଭିକ୍ଷାବୃତ୍ତିକୁ ପ୍ରୋତ୍ସାହିତ ନ କରିବା ପାଇଁ ସଚେତନତା ସୃଷ୍ଟି କରାଯିବ। ଯଦି କେହି ଏପରି ଘଟଣା ଦେଖନ୍ତି, ତେବେ ତୁରନ୍ତ ଚାଇଲ୍ଡ ହେଲ୍ପଲାଇନକୁ ସୂଚନା ଦେବାକୁ କୁହାଯାଇଛି। ଏହି ଅଭିଯାନ ସମ୍ପର୍କରେ ପ୍ରତି ମାସରେ ଏକ ଅନୁପାଳନ ରିପୋର୍ଟ ଆୟୋଗଙ୍କ ନିକଟରେ ଦାଖଲ କରିବାକୁ ସମସ୍ତ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଏଲପିଜି ୟୁଜର୍ସଙ୍କୁ ଆଶ୍ୱାସନା

ସାଧାରଣ ଏଲପିଜି ଗ୍ରାହକଙ୍କ ମଧ୍ୟରେ ଥିବା ଦ୍ୱନ୍ଦ୍ୱକୁ ଦୂର କରିବା ପାଇଁ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଏକ ନୂଆ ସ୍ପଷ୍ଟୀକରଣ ଜାରି କରିଛି । ଏହା ଯେକୌଣସି ଦ୍ୱନ୍ଦ୍ୱର ଅନ୍ତ ଘଟାଇବ। ଯଦି ଆପଣ ଜଣେ LPG ଗ୍ରାହକ, ତେବେ ଏହା ଆପଣଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଖବର । LPG ଗ୍ରାହକଙ୍କ ପାଇଁ ବାୟୋମେଟ୍ରିକ୍ ଆଧାର ପ୍ରମାଣୀକରଣ (e-KYC) ସ୍ପଷ୍ଟୀକରଣ ରଖିଛନ୍ତି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରାଳୟ । କେବଳ ଅନଧିକୃତ LPG ବ୍ୟବହାରକାରୀଙ୍କ ପାଇଁ e-KYC ବ୍ୟବସ୍ଥା । ସମସ୍ତ ଏଲପିଜି ଉପଭୋକ୍ତାଙ୍କ ପାଇଁ e-KYC କରିବା ଦରକାର ନାହିଁ । ଯେଉଁ ଏଲପିଜି ଉପଭୋକ୍ତା e-KYC କରି ନାହାନ୍ତି ସେମାନେ କରିବେ । ଯଦି ପ୍ରଧାନମନ୍ତ୍ରୀ ଉଜ୍ୱଳା ଯୋଜନା ଉପଭୋକ୍ତା ନୁହନ୍ତି, ପୂର୍ବରୁ e-KYC କରିଛନ୍ତି ତେବେ ଆଉ କରିବା ଦରକାର ନାହିଁ । ନିଜ ଘରେ ବସି ବି ଇ-କେଓ୍ୱାଇସି କରିପାରିବେ ବୋଲି ମନ୍ତ୍ରଣାଳୟ କହିଛି । ସରକାର ଏହା ମଧ୍ୟ କହିଛନ୍ତି ଯେ, eKYC ପ୍ରକ୍ରିୟା ବହୁତ ସରଳ ଏବଂ ଆପଣଙ୍କ ଘରେ ବସି ମାଗଣାରେ ସମାପ୍ତ କରାଯାଇପାରିବ । eKYC ସମାପ୍ତ ନହେଲେ ମଧ୍ୟ, LPG ସବସିଡିର ଉପଲବ୍ଧତା ପ୍ରଭାବିତ ହେବ ନାହିଁ । eKYC ପ୍ରକ୍ରିୟା ସ୍ଥାନାନ୍ତରକୁ ତ୍ୱରାନ୍ୱିତ କରେ, ଯୋଗ୍ୟତା ସ୍ପଷ୍ଟ କରେ, ଠକ ହିତାଧିକାରୀଙ୍କୁ ଚିହ୍ନଟ କରେ ଏବଂ LPG ର ଅପବ୍ୟବହାର କିମ୍ବା ଦିଗ ପରିବର୍ତ୍ତନକୁ ରୋକିବାରେ ସାହାଯ୍ୟ କରିବ। ଯଦି ଆପଣ ଜଣେ ଅଣ-PMUY ଗ୍ରାହକ (ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରୁ ବାଦ ପଡ଼ିଛନ୍ତି) ଏବଂ ପୂର୍ବରୁ eKYC ପୂରଣ କରିସାରିଛନ୍ତି, ତେବେ ଆପଣଙ୍କୁ ଏହା ପୁନର୍ବାର କରିବାକୁ ପଡିବ ନାହିଁ । ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (PMUY) ଅଧୀନରେ ଥିବା ଗ୍ରାହକମାନଙ୍କୁ ପ୍ରତି ଆର୍ଥିକ ବର୍ଷରେ କେବଳ ଥରେ eKYC ପୂରଣ କରିବାକୁ ପଡିବ । ଯଦି ସେମାନେ ୭ ସିଲିଣ୍ଡର ରିଫିଲ୍ ପରେ ୮ମ ଏବଂ ୯ମ ରିଫିଲ୍ ଉପରେ ସବସିଡି (DBT) ପାଇବାକୁ ଚାହାଁନ୍ତି, ତେବେ ଏହି ପ୍ରକ୍ରିୟା ଦରକାର ନାହିଁ ।

# ଉତ୍କଳ ସମ୍ମିଳନୀ ନାମକରଣର ପୃଷ୍ଠଭୂମି

ନେତାଜୀ ବିଷୋୟୀ
ମୋ - ୯୪୩୭୭୨୨୬୯୭
(ଘୁମୁସର ସଂବାଦ ସେବା)।

ପ୍ରାଚୀନ ଓଡ଼ିଶା ଉତ୍ତରରେ ଗଂଗାଠାରୁ ଦକ୍ଷିଣରେ ଗୋଦାବରୀ ଏବଂ ପୂର୍ବରେ ମହୋଦଧିଠାରୁ ପଶ୍ଚିମରେ ଅମର କଣ୍ଟକ ପର୍ଯ୍ୟନ୍ତ ବିସ୍ତୃତ ଥିଲା। ଏହି ବିସ୍ତୀର୍ଣ୍ଣ ଭୂଖଣ୍ଡରେ ଚୈତ୍ୟ, ଭୌମ, ସୋମ, ଗଙ୍ଗ, ସୂର୍ଯ୍ୟ ଓ ଭୋଇ ବଂଶର ରାଜମାନେ ଶାସନକରି ଦୀର୍ଘକାଳଧରି ଏହାର ଶାସନ ବଜାୟ ରଖିଥିଲେ। ୧୫୬୮ ମସିହାରେ ମୁସଲମାନମାନେ ଓଡ଼ିଶା ଅଧିକାର କଲେ । ଏହାର ୨୩୫ ବର୍ଷପରେ ଅର୍ଥାତ୍ ୧୮୦୩ ଡ଼ିସେମ୍ବର ୧୭ ତାରିଖରେ ଓଡ଼ିଶା ଇଂରେଜ ଶାସନର କରଗତ ହେଲା । ଇତି ମଧ୍ୟରେ ୧୭୫୩ ବେଳକୁ ଫଂରାସୀ ମାନଙ୍କ ଦୌରାତ୍ମ୍ୟ ଅଙ୍ଗେ ଲିଭାଇ ଥିଲା ଓଡ଼ିଶା ଭୂଖଣ୍ଡ। ଓଡ଼ିଶା ତା'ର ସ୍ୱତନ୍ତ୍ରତା ପ୍ରାପ୍ତ ହେଲା ୧୯୩୬ ମସିହାରେ ଅତଏବ ୧୫୬୮ ମସିହାରୁ ୧୯୩୬ ମସିହା ପର୍ଯ୍ୟନ୍ତ ଦୀର୍ଘ ୩୬୧ ବର୍ଷର ଖଣ୍ଡ ବିଖଣ୍ଡିତ ଓଡ଼ିଶା ତା'ର ଓଡ଼ିଆତ୍ୱ ଭୁଲି ଯାଇଥିଲା

ଇଂରେଜ ଶାସନ କାଳରେ ଚତୁର ଇଂରେଜ ସାହେବମାନେ ଶାସନର ସୁପରିଚାଳନା ଦୃଷ୍ଟିରୁ ଓଡ଼ିଶାର ସ୍ୱତନ୍ତ୍ରତାକୁ ଝାମ୍ପି ନେଇଥିଲେ। ଶାସନଗତ ସୁବିଧା ଦୃଷ୍ଟିରୁ ଓଡ଼ିଶାର ଦକ୍ଷିଣାଞ୍ଚଳକୁ ମାନ୍ଦ୍ରାଜ ପ୍ରବେଶରେ, ପଶ୍ଚିମାଞ୍ଚଳକୁ ମଧ୍ୟ ପ୍ରଦେଶରେ ଏବଂ ମେଦିନୀପୁର ଅଞ୍ଚଳକୁ ବଙ୍ଗ ପ୍ରଦେଶ ସହିତ ମିଶାଇ ଦେଇଥିଲେ। ଯାହାରି ଫଳରେ ଏହି ବିସ୍ତୀର୍ଣ୍ଣ ଭୂଖଣ୍ଡ ସ୍ୱତନ୍ତ୍ରତା ହରାଇ ତିନିଗୋଟି ପ୍ରଦେଶ ଅଧିନସ୍ଥ ହୋଇ ଶାସିତ ହେଲା। ୧୯୩୬ ଏପ୍ରିଲ ପହିଲା,ଓଡ଼ିଶା ସ୍ୱତନ୍ତ୍ରତା ପ୍ରାପ୍ତ ହେଲା ସତ କିନ୍ତୁ ଆମେ ଏକ ସଂକୁଚିତ ଓଡ଼ିଶା ଭୂଖଣ୍ଡର ଅଧିକାରୀ ହେଲେ। ଏହି ଓଡ଼ିଆ ସ୍ୱତନ୍ତ୍ରତାର ଭୂଖଣ୍ଡ ମଧ୍ୟେ ଥିଲା ସମ୍ବଲପୁର, କଟକ, ପୁରୀ, ବାଲେଶ୍ୱର, କୋରାପୁଟ ଓ ଗଂଜାମ ଜିଲ୍ଲା । ଏହି ଛ' ଗୋଟି ଜିଲ୍ଲା ଥିଲା ଆମ ଭୂଖଣ୍ଡର ପରିଚୟ – "ଓଡ଼ିଶା"। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ନକ୍ସାରୁ ବହୁ ଓଡ଼ିଆ ଭାଷାଭାଷୀ ଅଂଚଳ ବାଦ୍‌ପଡ଼ିଗଲା । ବିଶେଷ କରି ବିହାର ପ୍ରଦେଶରେ ରହିଗଲା ଷଢ଼େଇକଳା, ଖରସୁଆଁ ସହ ସମଗ୍ର ସିଂହଭୂମି ସବଡ଼ିଭିଜନ୍ ବିଦ୍ରା, ନୂଆଗଡ଼, ରାୟଗଡ଼, ଦେଓ

ଗଡ଼, ଶଙ୍କରା, ଫୁଲଝର, ବସ୍ତର ଜିଲ୍ଲାର ଜଗଦଲପୁର, ବନ୍ଧଗାଁ, ଜନଓ୍ୱାରୀ, ଇତ୍ୟାଦି ଓଡ଼ିଆ ଭାଷା ଭାଷୀ ଅଂଚଳ ମଧ୍ୟପ୍ରଦେଶରେ ରହିଗଲା ଏବଂ ମାଦ୍ରାଜ ପ୍ରଦେଶରେ ରହିଗଲା ; ଶ୍ରୀକାକୁଲମ୍, ମଞ୍ଜୁସା, ଇଛାପୁର, ପଲାସା, କାଶିବୁଗା, ସୋମପେଣ୍ଠା, ଟିକିଲି, ଚମ୍ପାପୁର, ମୁକ୍ତାପୁର, ତରଳା, ପୁରଣାପାଟଣା, ବାରୁଆ ପାର୍ବତୀପୁର, ନୂଆପଡ଼ା, ଜୟନ୍ତୀଗଡ଼, ବୁଡାରସିଂ, ଗୋପିଲି, ମଠସାରିଆ ପଲ୍ଲୀ, ମର୍ଦ୍ଦରାଜପୁର, ମୁକ୍ତାପୁର, ଟିକିଲି ପାଟଗୋ, ଟଙ୍କାପଦ୍ମୁ , ପୁଡ଼ଙ୍ଗି, ସନ୍ତୋଷ ପୁର, କରଜଡ଼ା, ବ୍ରାହ୍ମଣ ତରଳ ପ୍ରଭୃତି।

୧୯୫୩ ମସିହାରେ ମାଦ୍ରାଜ ପ୍ରଦେଶରୁ ଅଲଗା ହୋଇ ଆନ୍ଧ୍ରା ପ୍ରଦେଶ ଗଠନ କରାଗଲା ବେଳେ ମଧ୍ୟ ଓଡ଼ିଶା ଦାବିକୁ କେହି କର୍ଣ୍ଣପାତ କରିନଥିଲେ ଫଳତଃ ଦକ୍ଷିଣରେ ଥିବା ଓଡ଼ିଆ ଭାଷା ଭାଷୀ ଅଚଂଳଗୁଡ଼ିକ ଆନ୍ଧ୍ର ପ୍ରଦେଶରେ ଅନ୍ତର୍ଭୁକ୍ତ ହୋଇ ବର୍ତ୍ତମାନ ସୁଦ୍ଧା ରହିଛନ୍ତି। ଯାହାରିଫଳରେ ଓଡ଼ିଆମାନଙ୍କ ମଧ୍ୟରେ ଏକତ୍ୱଭାବର ଅଭାବ ରହିଲା । ଓଡ଼ିଆ ଭାଷାପ୍ରତି ଗୁରୁତ୍ୱ ମଧ୍ୟ କ୍ରମଶଃ ହ୍ରାସ ପାଇଲା। ଯେଉଁ ଭାଷାଭାଷୀ ଅଂଚଳ ଯେଉଁଯେଉଁ ପ୍ରଦେଶରେ ଅନ୍ତର୍ଭୁକ୍ତ ହେଲେ ସେମାନେ ସେହି ଅଂଚଳର ଭାଷାକୁ ଆପଣେଇ ନେଲେ। ଯଦିଓ ସେମାନେ ଘରେ ଓଡ଼ିଆ ଭାଷାରେ କଥାଭାଷା ହେଲେ କିନ୍ତୁ ଘରୁ ବାହାରକୁ ବାହାରିଲେ ସେମାନେ ସେହି ପ୍ରଦେଶର ଭାଷା କହିବାକୁ ବାଧ ହେଉଥିଲେ। ଏ ପରିପ୍ରେକ୍ଷୀରେ ଓଡ଼ିଆ ଭାଷାର ଅବନତି ଘଟିଲା । ପୁଣି ଏହି ସଂକୀର୍ଣ୍ଣ ଓଡ଼ିଶା ଭୂଖଣ୍ଡ ପାଇଁ କାଳ ହେଲା ପ୍ରାକୃତିକ ବିପର୍ଯ୍ୟୟ । କେତେବେଳେ ବନ୍ୟାତ କେତେବେଳେ ବାତ୍ୟା ଆଉ କେତେ ବେଳେ ମରୁଡ଼ି ଓଡ଼ିଆଙ୍କ ଅଭିବୃଦ୍ଧିରେ ପ୍ରତିବନ୍ଧକ ସୃଷ୍ଟି ହେଲା । ଏକ ସର୍ବେକ୍ଷଣରୁ ଜଣାପଡ଼େ ୧୮୧୫ରେ ମରୁଡ଼ି ଏବଂ ୧୮୩୧ ମସିହାରେ ଓଡ଼ିଶାବାସୀ ବନ୍ୟାର ସମ୍ମୁଖିନ ହୋଇଥିଲା ବେଳେ ୧୮୩୪ ମସିହାରେ ପୁଣି ବନ୍ୟା ଏବଂ ୧୮୪୦ ରେ ମରୁଡ଼ି ଓ ୧୮୬୬ ରେ ଓଡ଼ିଶାର ନଅଙ୍କ ଦୁର୍ଭିକ୍ଷ ଦେଖା ଦେଇଥିଲା ପ୍ରକାଶ ଥାଉକି ୧୮୩୧ ମସିହାରେ ବନ୍ୟାରେ ୨୬୦୦୦ ଲୋକଙ୍କ ପ୍ରାଣହାନୀ ଘଟିଥିଲା ବେଳେ ୧୮୬୬ ନଅଙ୍କ ଦୁର୍ଭିକ୍ଷରେ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଓଡ଼ିଆଙ୍କ ପ୍ରାଣହାନୀ ଘଟିଥିଲା । ଏମିତି ଘଡ଼ିସନ୍ଧି ପରିସ୍ଥିତିରେ ଓଡ଼ିଆମାନେ କେବଳ ବଂଚିବା ପାଇଁ ସଂଗ୍ରାମ କରି ଆସୁଥିଲେ ଆଉ ଭାଷାସୁରକ୍ଷା କଥା କିଏ ବା ପଚାରେ ? କିନ୍ତୁ ସମୟର ବିବର୍ତ୍ତନବାଦ ମଧ୍ୟେ ଓଡ଼ିଶାର ସାମାଜିକ ଜୀବନରେ ପରିବର୍ତ୍ତନର ଆଭାଷ ଉଙ୍କିମାରେ। ଦୀର୍ଘ ଦିନର ଶୋଷଣର ଶିକାର ହୋଇ ଯେଉଁ ଓଡ଼ିଆଙ୍କ ମେରୁଦଣ୍ଡ ଭାଙ୍ଗି ଯାଇଥିଲା ; ସେ ଆଜିଟିକେ ସଳଖି ଠିଆ ହେବା ପାଇଁ ଚେଷ୍ଟା କରେ। ଅତୀତର ହୃତ ଗୌରବ ଫେରାଇ ଆଣିବା ପାଇଁ ଯତ୍ନବାନ ହୁଏ। ସୁଦୃଢ଼ ସଂଗଠନର ଚେତନା ମନରେ ବସାବାନ୍ଧେ। ସମୟ ସ୍ରୋତରେ ଓଡ଼ିଶାର ସାହିତ୍ୟ ସଂସ୍କୃତି ପରଂପରା, ଶିକ୍ଷାକୁ ବଂଚାଇ ରଖିବା ସହିତ ଭୌଗୋଳିକ ଏବଂ ଐତିହାସିକ ଭୂଖଣ୍ଡର ସୁରକ୍ଷା ପାଇଁ ମନରେ ସଂାଗଠନିକ ଚିନ୍ତନର ସୂତ୍ରପାତ ହୁଏ। ଏ ସମୟଟି ଥିଲା ୧୮୭୦ ମସିହା । ସୌଭାଗ୍ୟ ବଶତଃ ୧୮୭୦ ସେପେମ୍ବର ମାସ, ୧୧ ତାରିଖରେ ଗଂଜାମ ଜିଲ୍ଲାର ଘୁମୁସର ମାଟିର (ଭଂଜନଗର) ରସୁଲକୋଣ୍ଡା ସହରର ଠାକୁରାଣୀ ପଡ଼ିଆଠାରେ ଭାଷା ସୁରକ୍ଷା ଭିତ୍ତିଭୂମିକ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ପାଲୁର, ହୁମା, ଗଂଜା, ବିରୁଳି, ପୂର୍ବଖଣ୍ଡ ଖଲିକୋଟ, ଘୁମୁସର, ଧରାକୋଟ, ସୋରଡ଼ା , ରଣବା କରଡ଼ା, କାଟିଙ୍ଗା, ଗଦାପୁର, ବଡ଼ଗଡ଼, ସେରଗଡ଼, ସାନଖେମୁଣ୍ଡି, ବଡ଼ଖେମୁଣ୍ଡି, ଚିକିଟି, ମହୁରୀ, ଜରଡ଼ା, ସୀତାଙ୍ଗି, ଜଳନ୍ତର , ମଞ୍ଜୁଷା, ତରଳା, ପାରଳା, ଟିକିଲି ପ୍ରଭୃତି ଅଂଚଳର ଜନପ୍ରତିନିଧିମାନେ ଯୋଗଦେଇଥିଲେ। ଏହି ସଭାର ମୁଖ୍ୟ ଉଦ୍ଦେଶ୍ୟଥିଲା ଗଂଜାମ ଓଡ଼ିଶାରେ ମିଶିବା ଦାବୀ । ବିଚ୍ଛିନ୍ନାଞ୍ଚଳ ଏକତ୍ରିକରଣ ପାଇଁ ଗଂଜାମ ବାସୀ ପ୍ରଥମେ ଆଗେଇ ଆସିଥିଲେ। ଏହି ସଭାରୁ ଓଡ଼ିଆ ଭାଷା ସୁରକ୍ଷା ସ୍ଲୋଗାନର ସ୍ୱର ଉଠିଥିଲା। ଯେଉଁ ବଙ୍ଗାଳୀମାନେ ବିଶେଷକରି କ୍ରାନ୍ତିଚନ୍ଦ୍ର ପଞ୍ଚାଚାର୍ଯ୍ୟ ଏବଂ ରାଜେନ୍ଦ୍ର ଲାଲ ମିତ୍ର ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ଓ ବଙ୍ଗଳାର ଏକ ଉପଭାଷା କହି ଆସୁଥିଲେ ଏବଂ ୧୮୬୮ ଠାରୁ ୧୮୭୦ ପର୍ଯ୍ୟନ୍ତ ଏହି ଚାରିବର୍ଷ ମଧ୍ୟେ ବହୁ ସଭାସମିତିରେ ଏହି ଉଭଟମତ ପୋଷଣ ଉତ୍କଳ ସମ୍ମିଳନୀ ନାମକରଣର ପୃଷ୍ଠଭୂମି କରୁଥିଲେ ତାର ପ୍ରତିବାଦରେ ଏବଂ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ବିଭିନ୍ନ କାର୍ଯ୍ୟାଳୟ ଓ ବିଦ୍ୟାଳୟମାନଙ୍କୁ ତେଲୁଗୁଭାଷା ପ୍ରଚଳନ ବନ୍ଦ କରିବା ପାଇଁ ଦୃଢ଼ ସଂଗଠନର ମୁଣ୍ଡ ଟେକିଥିଲା ଏବଂ ଘୁମୁସର ସମ୍ମିଳନୀରୁ ଏହି ସଭାରେ ଗୃହୀତ ହେଲାଯେ ସମସ୍ତ ଓଡ଼ିଆ ଭାଷାଭାଷୀ ଅଂଚଳର ଲୋକ ଏକତ୍ରିତ ହୁଅନ୍ତୁ । ଏକ ସ୍ୱତନ୍ତ୍ର ଓଡ଼ିଆ ଭାଷାଭାଷୀ ଅଂଚଳ ପାଇଁ ଉଦ୍ୟମ କରନ୍ତୁ । ଏହି ଉଦ୍ୟମ ଜାରିରଖିବା ପାଇଁ ଗଂଜାମ ଜିଲ୍ଲାର ଓଡ଼ିଆମାନେ ସଂଗଠିତ ହୋଇ ସଂଗଠନ ଗଢ଼ିଲେ ଏବଂ ସେହି ସଂଗଠନର ନାମ ଗଂଞ୍ଜାମ ଉତ୍କଳ ହିତବାଦିନୀ ସଭା । ଏହି ଅନୁଷ୍ଠାନର ସଂପାଦକ ରହିଲେ କାଟିଙ୍ଗାର ରାଜା ଭେକେଟଶ ଦେବ ।

ଏହି ଆନ୍ଦୋଳନର ୩୦ ବର୍ଷପରେ ଓଡ଼ିଆ ଭାଷାଭାଷୀମାନଙ୍କୁ ଏକତ୍ରିତ କରିବାପାଇଁ ଖଲିକୋଟ ରାଜାସାହେବ ହରିହର ମର୍ଦ୍ଦରାଜଙ୍କ ନେତୃତ୍ୱରେ ଏବଂ ନୀଳମଣି ବିଦ୍ୟାରତ୍ନଙ୍କ ଉଦ୍ୟମରେ ରମ୍ଭା ରାଜପ୍ରାସଦରେ ଗଂଜାମ ଜାତୀୟ ସମିତି ବା ଗଂଜାମ ଓଡ଼ିଆ ସଭା ଗଠନ କରାଗଲା । ଏହି ସମୟଟି ଥିଲା ୧୯୦୨ ମସିହା ଜାନୁୟାରୀ ମାସ ୧୩ ତାରିଖ । ଏହି ଗଂଜାମ ଜାତୀୟ ସମିତିରେ ସଭାପତିତ୍ୱ କରିଥିଲେ ରାଜା ସାହେବହରିହର ମର୍ଦ୍ଦରାଜ। ଅନ୍ୟମାନଙ୍କ ମଧ୍ୟରେ ଥିଲେ ମୟୂରଭଂଜର ରାଜାସାହେବ ରାମଚନ୍ଦ୍ର ଭଂଜ ଦେଓ, ଦେଶପ୍ରାଣ ମଧୁସୂଦନ ଦାସ, ଫକୀର ମୋହନ ସେନାପତି, ଧରାକୋଟ ରାଜା ମଦନ ମୋହନ ସିଂହ ଦେଓ, ମଞ୍ଜୁସା ରାଜା ବାସୁଦେବ ରାଜମଣି ଦେଓ । ୧୯୦୩ ଏପ୍ରିଲ ୧୧ ଓ ୧୨ ତାରିଖରେ ବ୍ରହ୍ମପୁରଠାରେ ଗଂଜାମ ଜାତୀୟ ସମିତିର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଲା। ବ୍ରହ୍ମପୁରର ଏହି କାର୍ଯ୍ୟକ୍ରମରେ ମଧୁବାବୁ ଯୋଗ ଦେଇଥିଲେ । ଏଥିରେ ମଧୁବାବୁ ଘୋଷଣା କଲେ ; ଏହି ଗଂଜାମ ଜାତୀୟ ସମ୍ମିଳନୀକୁ ପରିବ୍ୟାପ୍ତ କରିବାକୁ ହେଲେ ଏହାର ନାମ ପରିବର୍ତ୍ତନ କରାଯାଇ ଉତ୍କଳ ସମ୍ମିଳନୀ କରାଯାଉ। ଏହି କଥାଟି ସମସ୍ତଙ୍କ ମନକୁ ଛୁଇଁଲା ଏବଂ ତାହାହିଁ ହେଲା । ସେହି ଦିନଠାରୁ ଗଂଜାମ ଜାତୀୟ ସମିତି ଉତ୍କଳ ସମ୍ମିଳନୀର ରୂପେ ନେଲା। ତା'ପରବର୍ତ୍ତୀ କାର୍ଯ୍ୟକ୍ରମ ପ୍ରସ୍ତୁତହେଲା ଉତ୍କଳ ସମ୍ମିଳନୀର। ଉତ୍କଳ ସମ୍ମିଳନୀର ପ୍ରଥମ ବୈଠକ ୧୯୦୩ ମସିହା ଡ଼ିସେମ୍ବର ୩୦, ୩୧ ଦୁଇ ଦିନ ଧରି କଟକର ଇଦ୍‌ଗା ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତିତ୍ୱ କରିଥିଲେ ଶ୍ରୀ ରାମ ଚନ୍ଦ୍ର ଭଂଜ ॥

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବା ଦିଗରେ ବହୁ ମନିଷୀଙ୍କ ତ୍ୟାଗ ଚିର ସ୍ମରଣୀୟ। ବିଶେଷ କରି ହରିହର ମର୍ଦ୍ଦରାଜ, ହରିହର ପଣ୍ଡା,ବଳରାମ ମହାରଣା, ଶ୍ୟାମ ସୁନ୍ଦର ରାଜଗୁରୁ ନରସିଂହ ଦାସ, ବିଶ୍ୱନାଥ ମିଶ୍ର, ନୀଳମଣି ବିଦ୍ୟାରତ୍ନ, ଶଶିଭୂଷଣ ରଥ, ବ୍ରଜ ମୋହନ ପଟ୍ଟନାୟକ, ମଦନ ମୋହନ ମିଶ୍ର, ବଳଭଦ୍ର ସୁଆର, ମହାନ୍ତ ବିହାରୀ ଦାସ, ଶ୍ରୀପତି ମିଶ୍ର , ଗୌରୀ ଶଙ୍କର ରାୟ, ରାମଶଙ୍କର ରାୟ, ପ୍ୟାରୀ ମୋହନ ଆଚାର୍ଯ୍ୟ, ରାମଚନ୍ଦ୍ର ଦାସ ପ୍ରାତଃ ସ୍ମରଣୀୟ।

# ବର୍ତ୍ତମାନର କୃଷକ ବଜାର ଏବଂ ତାହାର ଆର୍ଥିକ ସୁରକ୍ଷା



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ଜୟ ଜବାନ୍, ଜୟ କିଷାନ୍ ଓ ଜୟ ବିଜ୍ଞାନ। ଏ ଉକ୍ତିକୁ ଯେଉଁ ରାଷ୍ଟ୍ର ବୁଝିଛି ସେ ରାଷ୍ଟ୍ର ସେତେ ଉନ୍ନତ ହୋଇଛି। ଭାରତକୁ ଏକ କୃଷି ପ୍ରଧାନ ଦେଶ ଭାବରେ ବିବେଚନା କରାଯାଏ। ଦେଶର ଅନେକ ଲୋକ ସେମାନଙ୍କର ଜୀବିକା ପାଇଁ କୃଷି ଉପରେ ନିର୍ଭର କରନ୍ତି। ଯଦିଓ କୃଷକମାନେ ଦେଶର ଅର୍ଥନୀତିର ମେରୁଦଣ୍ଡ, ସେମାନେ ପ୍ରାୟତଃ ଆର୍ଥିକ ଅସୁରକ୍ଷା ଏବଂ ବଜାର ଅସ୍ଥିରତାର ସମ୍ମୁଖୀନ ହୁଅନ୍ତି। ଆଜି, କୃଷି ବଜାରର ଗଠନ, ମୂଲ୍ୟ ହ୍ରାସ, ମଧ୍ୟସ୍ଥିଙ୍କ ଭୂମିକା ଏବଂ ପ୍ରାକୃତିକ ବିପର୍ଯ୍ୟୟ ଭଳି କାରଣଗୁଡ଼ିକ ଚାଷୀଙ୍କ ଆର୍ଥିକ ସୁରକ୍ଷାକୁ ପ୍ରଭାବିତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ, କୃଷକ ବଜାର ବ୍ୟବସ୍ଥା ଏବଂ କୃଷକଙ୍କ ଆର୍ଥିକ ସୁରକ୍ଷା ଉପରେ ଆଲୋଚନା ଗୁରୁତ୍ୱପୂର୍ଣ୍ଣ। କୃଷକ ବଜାର ହେଉଛି ସେହି ବ୍ୟବସ୍ଥା ଯେଉଁଠାରେ ଚାଷୀମାନେ ସେମାନଙ୍କର ଶସ୍ୟ, ପନିପରିବା, ଫଳ ଏବଂ ଅନ୍ୟାନ୍ୟ କୃଷି ଉତ୍ପାଦ ବିକ୍ରୟ କରୁଥିଲେ। ପୂର୍ବରୁ, ଚାଷୀମାନେ ମଣ୍ଡି କିମ୍ବା ହାଟ ବଜାରରେ ସେମାନଙ୍କର ଉତ୍ପାଦ ବିକ୍ରୟ କରୁଥିଲେ। ତଥାପି, ଆଜି ବଜାର ବ୍ୟବସ୍ଥା ଆଧୁନିକ ହୋଇଛି। ଡିଜିଟାଲ୍ ପ୍ଲାଟଫର୍ମ, ଶୀତଳ ଭଣ୍ଡାର, ରପ୍ତାନି ବଜାର ଏବଂ ସଂଗଠିତ ଖାଦ୍ୟ ଶୃଙ୍ଖଳ ମାଧ୍ୟମରେ କୃଷି ବ୍ୟବସାୟ ବୃଦ୍ଧି ପାଇଛି। ତଥାପି, ଗ୍ରାମାଞ୍ଚଳର ଅଧିକାଂଶ ଚାଷୀ ଏବେ ବି ପାରମ୍ପରିକ ବଜାର ବ୍ୟବସ୍ଥା ଉପରେ ନିର୍ଭର କରନ୍ତି। ମଧ୍ୟସ୍ଥିମାନେ କମ ମୂଲ୍ୟରେ ଚାଷୀଙ୍କଠାରୁ ଉତ୍ପାଦ କିଣନ୍ତି ଏବଂ ସହରାଞ୍ଚଳ ବଜାରରେ ଅଧିକ ମୂଲ୍ୟରେ ବିକ୍ରୟ କରନ୍ତି। ଏହି କାରଣରୁ, ଚାଷୀମାନେ ସେମାନଙ୍କ ଉତ୍ପାଦର ଉଚିତ ମୂଲ୍ୟ ପାଇ ପାରୁନାହାଁନ୍ତି।

ଆଜି, କୃଷି ବଜାରରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିଛି। ପ୍ରଯୁକ୍ତିବିଦ୍ୟା, ସରକାରୀ ନୀତି ଏବଂ ବିଶ୍ୱ ବାଣିଜ୍ୟର ପ୍ରଭାବ କୃଷି ବଜାରର ଗଠନକୁ ପରିବର୍ତ୍ତନ କରିଛି। ତଥାପି, ଏହି ପରିବର୍ତ୍ତନଗୁଡ଼ିକ ସମସ୍ତ ଚାଷୀଙ୍କ ପାଇଁ ସମାନ ଭାବରେ ଲାଭଦାୟକ ହୋଇନାହିଁ। ପ୍ରଥମତଃ, କୃଷି ସାମଗ୍ରୀର ମୂଲ୍ୟ ହ୍ରାସ ପାଉଛି। କେତେବେଳେ କୌଣସି ଜିନିଷର ମୂଲ୍ୟ ଅଧିକ ଥାଏ, ଏବଂ କେତେବେଳେ ହଠାତ୍ ହ୍ରାସ ପାଏ। ଏହା ପ୍ରାୟତଃ ଚାଷୀଙ୍କ ପାଇଁ କ୍ଷତିର କାରଣ ହୋଇଥାଏ। ଦ୍ୱିତୀୟତଃ, ପର୍ଯ୍ୟାପ୍ତ ସଂରକ୍ଷଣ ସୁବିଧା ନାହିଁ। ଚାଷୀମାନେ ପ୍ରାୟତଃ ଦୀର୍ଘ ସମୟ ପାଇଁ ପନିପରିବା ଏବଂ ଫଳ ସଂରକ୍ଷଣ କରିପାରନ୍ତି ନାହିଁ। ତେଣୁ, ବଜାରରେ ମୂଲ୍ୟ କମ୍ ଥିବାବେଳେ ମଧ୍ୟ ସେମାନେ ବିକ୍ରି କରିବାକୁ ବାଧ ହୁଅନ୍ତି। ତୃତୀୟତଃ, ଅନେକ ଚାଷୀଙ୍କ ପାଖରେ ଆଧୁନିକ ମାର୍କେଟିଂ ବ୍ୟବସ୍ଥା ବିଷୟରେ ସମ୍ପୂର୍ଣ୍ଣ ଜ୍ଞାନ ନାହିଁ। ଡିଜିଟାଲ୍ ବଜାର କିମ୍ବା ଅନଲାଇନ୍ ବିକ୍ରୟ ବ୍ୟବସ୍ଥାର ଲାଭ ସମସ୍ତ ଚାଷୀଙ୍କ ପାଖରେ ପହଞ୍ଚି ନାହିଁ। ଚାଷୀଙ୍କ ଆର୍ଥିକ ଅସୁରକ୍ଷିତତାର ମୁଖ୍ୟ କାରଣ ହେଉଛି ଆୟ ସ୍ଥିରତାର ଅଭାବ। ଚାଷ ପ୍ରାକୃତିକ ପରିସ୍ଥିତି ଉପରେ ନିର୍ଭର କରେ। ବନ୍ୟା, ଗରମ ଲହରୀ, ଝଡ଼ କିମ୍ବା ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ଫସଲକୁ କ୍ଷତି ପହଞ୍ଚାଇପାରେ, ଯାହା ଚାଷୀଙ୍କ ଆୟ ହ୍ରାସ କରିପାରେ। ଅନେକ ଚାଷୀ ଚାଷ ପାଇଁ ଋଣ ନିଅନ୍ତି। ଫସଲ ଭଲ ନ ହେଲେ କିମ୍ବା ବଜାର ମୂଲ୍ୟ କମ୍ ହେଲେ ସେମାନେ ଋଣ ପରିଶୋଧ କରିପାରନ୍ତି ନାହିଁ। ଏହି ସମସ୍ୟା କେତେକ ସମୟରେ ଏକ ଗମ୍ଭୀର ଆର୍ଥିକ ସଙ୍କଟରେ ପରିଣତ ହୁଏ। ଏହା ବ୍ୟତୀତ, ଚାଷ ଖର୍ଚ୍ଚ ଦିନକୁ ଦିନ ବୃଦ୍ଧି ପାଉଛି। ସାର, ବିହନ, କୀଟନାଶକ ଏବଂ ଇନ୍ଧନର ବୃଦ୍ଧି ଚାଷୀଙ୍କ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି କରୁଛି। ତଥାପି, ବଜାର ମୂଲ୍ୟ ସମାନ ଅନୁପାତରେ ବୃଦ୍ଧି ପାଉନାହିଁ।

ଚାଷୀମାନଙ୍କ ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସରକାର ଅନେକ ଯୋଜନା ଆରମ୍ଭ କରିଛନ୍ତି। ସର୍ବନିମ୍ନ ସହାୟକ ମୂଲ୍ୟ (MSP) ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। MSP ମାଧ୍ୟମରେ, ଚାଷୀମାନେ ସେମାନଙ୍କ ଫସଲର ଏକ ସ୍ଥିର ସର୍ବନିମ୍ନ ମୂଲ୍ୟ ପାଆନ୍ତି। ଏହା ସହିତ, ଫସଲ ବୀମା ଯୋଜନାଗୁଡ଼ିକ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଚାଷୀମାନଙ୍କୁ ସୁରକ୍ଷା ଦିଏ। ଯଦି ଫସଲ କ୍ଷତିଗ୍ରସ୍ତ ହୁଏ, ତେବେ ଚାଷୀମାନେ ବୀମା ମାଧ୍ୟମରେ କିଛି ଆର୍ଥିକ ସହାୟତା ପାଇପାରିବେ। ସରକାର ଏକ ଡିଜିଟାଲ କୃଷି ବଜାର ବ୍ୟବସ୍ଥା ମଧ୍ୟ ଆରମ୍ଭ କରିଛନ୍ତି। ଏହା ମାଧ୍ୟମରେ, ଚାଷୀମାନେ ସେମାନଙ୍କର ଉତ୍ପାଦିତ ସାମଗ୍ରୀ ଅନଲାଇନରେ ବିକ୍ରି କରିପାରିବେ ଏବଂ ବିଭିନ୍ନ ବଜାରରେ ମୂଲ୍ୟ ବିଷୟରେ ସୂଚନା ପାଇପାରିବେ। ଚାଷୀଙ୍କ ଆର୍ଥିକ ସୁରକ୍ଷା ବୃଦ୍ଧି କରିବା ପାଇଁ, ବଜାର ବ୍ୟବସ୍ଥାକୁ ଉନ୍ନତ କରିବାକୁ ପଡିବ। ପ୍ରଥମତଃ, ମଧ୍ୟସ୍ଥିଙ୍କ ଭୂମିକା ହ୍ରାସ କରାଯିବା ଉଚିତ ଏବଂ ଚାଷୀ ଏବଂ ଗ୍ରାହକଙ୍କ ମଧ୍ୟରେ ସିଧାସଳଖ ବାଣିଜ୍ୟ ବୃଦ୍ଧି କରାଯିବା ଉଚିତ। ଦ୍ୱିତୀୟତଃ, ଶୀତଳ ସଂରକ୍ଷଣ ସୁବିଧା ଏବଂ ଗୋଦାମ ସଂଖ୍ୟା ବୃଦ୍ଧି କରାଯିବା ଉଚିତ। ଏହା ଚାଷୀମାନଙ୍କୁ ଦୀର୍ଘ ସମୟ ପାଇଁ ସେମାନଙ୍କର ଉତ୍ପାଦିତ ସାମଗ୍ରୀ ସଂରକ୍ଷଣ କରି ଭଲ ମୂଲ୍ୟରେ ବିକ୍ରୟ କରିବାକୁ ଅନୁମତି ଦିଏ। ତୃତୀୟତଃ, ଚାଷୀମାନଙ୍କୁ ବଜାର ସମ୍ବନ୍ଧୀୟ ଶିକ୍ଷା ଏବଂ ତାଲିମ ପ୍ରଦାନ କରାଯିବା ଆବଶ୍ୟକ। ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା ଏବଂ ଆଧୁନିକ ବ୍ୟବସାୟ ପଦ୍ଧତି ବିଷୟରେ ସଚେତନତା ବୃଦ୍ଧି କରାଯିବା ଉଚିତ। ଚାଷୀମାନଙ୍କ ଆର୍ଥିକ ସୁରକ୍ଷା ପାଇଁ ଚାଷୀ ସଂଗଠନ ଏବଂ ସମବାୟ ସମାଜ ଅତ୍ୟନ୍ତ ଜରୁରୀ। ଯଦି ଚାଷୀମାନେ ଏକାଠି ହୋଇ ସଂଗଠନ ଗଠନ କରନ୍ତି, ତେବେ ସେମାନେ ବଜାରରେ ଉତ୍ତମ ମୂଲ୍ୟ ପାଇପାରିବେ। ସଂଗଠନ ମାଧ୍ୟମରେ, ସେମାନେ ବଡ଼ ବ୍ୟବସାୟୀ କିମ୍ବା ଖାଦ୍ୟ ପ୍ରକ୍ରିୟାକରଣ କମ୍ପାନୀ ସହିତ ସିଧାସଳଖ ବାଣିଜ୍ୟ କରିପାରିବେ। ଏହା ବ୍ୟତୀତ, ସଂଗଠନଗୁଡ଼ିକ କମ ମୂଲ୍ୟରେ ସାର ଏବଂ ଉପକରଣ ଉପଲବ୍ଧ କରାଇପାରିବେ, ଯାହା ଚାଷୀଙ୍କ ଉତ୍ପାଦନ ଖର୍ଚ୍ଚ ହ୍ରାସ କରିବ।

ଆଜିକାଲି, ପ୍ରଯୁକ୍ତିବିଦ୍ୟା କୃଷି ବଜାରକୁ ଏକ ନୂତନ ପରିମାଣ ଦେଇଛି। ଚାଷୀମାନେ ମୋବାଇଲ୍ ଆପ୍ଲିକେସନ୍, ଅନଲାଇନ୍ ବଜାର ପ୍ଲାଟଫର୍ମ ଏବଂ ଡିଜିଟାଲ୍ ପେମେଣ୍ଟ ମାଧ୍ୟମରେ ସହଜରେ ବାଣିଜ୍ୟ କରିପାରିବେ। ସାଟେଲାଇଟ୍ ତଥ୍ୟ ଏବଂ ପାଣିପାଗ ସୂଚନା ଚାଷୀମାନଙ୍କୁ ଚାଷ ସମୟରେ ଉତ୍ତମ ନିଷ୍ପତ୍ତି ନେବାରେ, ଉତ୍ପାଦନ ଏବଂ ଆୟ ବୃଦ୍ଧି କରିବାରେ ସାହାଯ୍ୟ କରିପାରିବ। ବର୍ତ୍ତମାନ, କୃଷକ ବଜାରରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହେଉଛି। ଆଧୁନିକ ବଜାର ବ୍ୟବସ୍ଥା ନୂତନ ସୁଯୋଗ ସୃଷ୍ଟି କରିଥିବା ବେଳେ, ଏହା ଚାଷୀଙ୍କ ପାଇଁ ଅନେକ ସମସ୍ୟା ମଧ୍ୟ ସୃଷ୍ଟି କରୁଛି। ମୂଲ୍ୟରେ ହ୍ରାସ, ମଧ୍ୟସ୍ଥିଙ୍କ ଭୂମିକା, ପ୍ରାକୃତିକ ବିପଦ ଏବଂ ବୃଦ୍ଧି ପାଉଥିବା ଉତ୍ପାଦନ ଖର୍ଚ୍ଚ ଚାଷୀଙ୍କ ଆର୍ଥିକ ସୁରକ୍ଷାକୁ ପ୍ରଭାବିତ କରୁଛି। ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ସରକାରୀ ନୀତି, ବଜାର ସଂସ୍କାର, ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଏବଂ କୃଷକ ସଂଗଠନଗୁଡ଼ିକର ସକ୍ରିୟ ଭୂମିକା ଆବଶ୍ୟକ। ଯଦି ଚାଷୀମାନେ ସେମାନଙ୍କ ଉତ୍ପାଦର ଉଚିତ ମୂଲ୍ୟ ପାଆନ୍ତି ଏବଂ ଆର୍ଥିକ ସୁରକ୍ଷା ପାଆନ୍ତି, ତେବେ ଦେଶର କୃଷି ବ୍ୟବସ୍ଥା ସୁଦୃଢ଼ ହେବ, ଜାତୀୟ ଅର୍ଥନୀତି ମଧ୍ୟ ସୁଦୃଢ଼ ହେବ।

# ହିନ୍ଦୁ ନବବର୍ଷର ବୈଶିଷ୍ଟ୍ୟ



ଶ୍ରୀହେମନ୍ତ କୁମାର ଗନ୍ତାୟତ
ଅଧ୍ୟାପକ
ଆସିକା ,ଗଞ୍ଜାମ
ମୋ-୯୮୬୧୩୩୪୮୬୮

ସର୍ବତନ୍ତ୍ର ସ୍ୱତନ୍ତ୍ର ଆମ ସନାତନ ଧର୍ମ। ଏହି ଧର୍ମକୁ ପାଥେୟ କରି ହିନ୍ଦୁ ସମ୍ପ୍ରଦାୟ ବା ଧର୍ମ ପ୍ରତିଷ୍ଠିତ ହୋଇଛି। ଏ ସମ୍ପ୍ରଦାୟର ମୂଳମନ୍ତ୍ର ଅଟେ ବସୁଧୈବ କୁଟୁମ୍ବକମ୍ ଅର୍ଥାତ୍ ଏ ସମଗ୍ର ସଂସାର ଗୋଟିଏ ପରିବାର। ହିନ୍ଦୁ କେବେ ମଧ୍ୟ ସଂକୀର୍ଣ୍ଣ ମନୋଭାବ ପୋଷଣ କରେନାହିଁ। ତେଣୁ କୁହାଯାଇଛି ହୀନମ୍ ଦୁଷ୍ୟତି ଇତି ହିନ୍ଦୁଃ । ଯେ ହୀନ ଭାବନା, ଅସତ୍ ଚିନ୍ତନ ଓ ଅଜ୍ଞାନତାକୁ ତ୍ୟାଗ କରିଥାଏ ତା'ଙ୍କୁ ହିନ୍ଦୁ କୁହାଯାଏ। ହିନ୍ଦୁ ସମ୍ପ୍ରଦାୟର ପ୍ରତ୍ୟେକ ରୀତି ,ନୀତି ଓ ଉତ୍ସବ ସମଗ୍ର ଜଗତର କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଏବଂ ଶାସ୍ତ୍ର ଓ ବିଜ୍ଞାନ ସମ୍ମତ ମଧ୍ୟ। ଏହି ରୀତି, ନୀତି ଓ ଉତ୍ସବମାନ ମଧ୍ୟରୁ ଗୋଟିଏ ହେଉଛି ହିନ୍ଦୁ ନବବର୍ଷ। ଯାହା ଚୈତ୍ର ମାସ ଶୁକ୍ଳପକ୍ଷ ପ୍ରତିପଦା ତିଥିରେ ପାଳନ କରାଯାଏ। ପୃଥିବୀର ପ୍ରତିଟି ସମ୍ପ୍ରଦାୟ ଓ ସଂସ୍କୃତିରେ ନବବର୍ଷର ଏକ ସ୍ୱତନ୍ତ୍ର ମହତ୍ତ୍ୱ ବା ସ୍ଥାନ ରହିଛି। ଭାରତୀୟ ସଂସ୍କୃତି ଓ ହିନ୍ଦୁ ଧର୍ମଶାସ୍ତ୍ର ଅନୁସାରେ ବର୍ଷପ୍ରତିପଦାକୁ 'ହିନ୍ଦୁ ନବବର୍ଷ' ଭାବେ ପାଳନ କରାଯାଏ। ଯାହା ମନୁଷ୍ୟକୃତ ନୁହେଁ ତାହା ଦୈବକୃତ। ତେଣୁ ପୁରାଣରେ ଉଲ୍ଲେଖ ରହିଛି: ଚୈତ୍ରେ ମାସି ଜଗଦ୍‌ବ୍ରହ୍ମା ସସର୍ଜ ପ୍ରଥମେଽହନି। ଶୁକ୍ଳପକ୍ଷେ ସମଗ୍ରେ ତୁ ତଦା ସୂର୍ଯ୍ୟୋଦୟେ ସତି ।। ଅର୍ଥାତ୍ ଚୈତ୍ର ମାସର ଶୁକ୍ଳ ପକ୍ଷର ପ୍ରଥମ ଦିନ (ପ୍ରତିପଦା) ସୂର୍ଯ୍ୟୋଦୟ ସମୟରେ ବ୍ରହ୍ମା ଏହି ସୃଷ୍ଟିର ସୃଜନ କରିଥିଲେ। ଏହା କେବଳ ଏକ ଦିନ ବା ତାରିଖ ପରିବର୍ତ୍ତନ ନୁହେଁ ବରଂ ପ୍ରକୃତିର ନବକଳେବର ଓ ଆଧ୍ୟାତ୍ମିକ ଚେତନାର ଏକ ମହାପର୍ବ।

ଆମ ହିନ୍ଦୁ ସମ୍ପ୍ରଦାୟ ଅନୁଯାୟୀ, ଏହି ଦିନ ସୃଷ୍ଟିକର୍ତ୍ତା ବ୍ରହ୍ମା ଏ ସୃଷ୍ଟିର ରଚନା ଆରମ୍ଭ କରିଥିଲେ ବୋଲି ପୂର୍ବରୁ କୁହାଯାଇଛି। ତେଣୁ ଏହାକୁ 'ବ୍ରହ୍ମ ସାମ୍ବତ୍ସର' ମଧ୍ୟ କୁହାଯାଏ। ଏତତ୍ ବ୍ୟତୀତ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଚଉଦ ବର୍ଷ ବନବାସ ଅନ୍ତେ ଅଯୋଧ୍ୟା ଆଗମନ କରିଥିଲେ। ଏହାପରେ ତାଙ୍କର ରାଜ୍ୟାଭିଷେକ ଏବଂ ଧର୍ମରାଜ ଯୁଧିଷ୍ଠିରଙ୍କ ସିଂହାସନ ଆରୋହଣ,ଏହି ଶୁଭ ତିଥିରେ ଅନୁଷ୍ଠିତ ହୋଇଥିଲା। ସେ'ପରି ମହାରାଜା ବିକ୍ରମାଦିତ୍ୟ ଶକମାନଙ୍କୁ ପରାସ୍ତ କରି ଭାରତୀୟ ସଂସ୍କୃତିର ରକ୍ଷା କରିଥିଲେ ଏବଂ ଉକ୍ତ ଦିନଠାରୁ 'ବିକ୍ରମ ସମ୍ବତ' ପ୍ରଚଳନ କରିଥିଲେ। ଏଥି ନିମନ୍ତେ ଏହି ଦିନ ଉତ୍ସବ ପାଳନ କରାଯାଏ। ଯାହା ଆଜି ବି ହିନ୍ଦୁ ପଞ୍ଜିକାର ଆଧାରଭୂତ ହୋଇ ରହିଛି। ଏହି ଦିନ ଠାରୁ ବାସନ୍ତିକ ନବରାତ୍ରୀ ମଧ୍ୟ ଆରମ୍ଭ ହୋଇଥାଏ, ଯାହା ନଅ ଦିନ ବ୍ୟାପୀ ଶକ୍ତି ସ୍ୱରୂପିଣୀ ମା' ଦୁର୍ଗାଙ୍କୁ ପୂଜା କରାଯାଏ। ଏ ବର୍ଷ ପ୍ରତିପଦା ଦିନ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଆର୍ଯ୍ୟ ସମାଜ ସ୍ଥାପନ କରିଥିଲେ ଏବଂ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଆଦ୍ୟ ସରସଂଘଚାଳକ ଡଃ. କେଶବ ବଳରାମ ହେଡଗେଓ୍ୱାର ଜନ୍ମ ଗ୍ରହଣ କରିଥିଲେ।

ଚୈତ୍ର ମାସରେ ବସନ୍ତ ଋତୁର ଆଗମନ ସହିତ ପ୍ରକୃତି ସଜେଇ ହୋଇଥାଏ। ଗଛଲତାରେ ନୂତନ ପତ୍ର ପଲ୍ଲବିତ ହେବା ସହ ଫୁଲର ସୁବାସରେ ଚତୁର୍ଦ୍ଦିଗ ମହକି ଉଠେ। ଶୀତର ବିଦାୟ ଓ ଗ୍ରୀଷ୍ମର ଆଗମନ ସମୟରେ ପ୍ରକୃତି ଏକ ସକାରାତ୍ମକ ପରିବର୍ତ୍ତନ ଦେଇ ଗତି କରିଥାଏ, ଯାହା ମନୁଷ୍ୟର ମନରେ ନୂତନ ଉତ୍ସାହ ଓ ଉଦ୍ଦୀପନା ଭରିଦିଏ। ଅନେକ ସ୍ଥାନରେ ଏହି ଦିନ ନିମ୍ବ ପତ୍ର ଓ ଗୁଡ଼ ମିଶାଇ ଖାଇବାର ପରମ୍ପରା ଚାଲି ଆସିଛି। କାରଣ ବିଜ୍ଞାନ କହେ ଏ ସମୟରେ ବସନ୍ତ ରୋଗର ପ୍ରାଦୁର୍ଭାବ ଦେଖାଯାଏ। ତେଣୁ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଗ୍ରହଣ କରିବା ଆବଶ୍ୟକ। ଭରତୀୟ ଦର୍ଶନ ଶିକ୍ଷା ଦିଏ ଯେ ଜୀବନର ସୁଖ (ଗୁଡ଼) ଓ ଦୁଃଖ (ନିମ୍ବ) କୁ ସମାନ ଭାବେ ଗ୍ରହଣ କରିବା ଉଚିତ। ଏହା ଦ୍ୱାରା ମାନସିକ ଶାନ୍ତିମିଳେ।

ଏହି ନବବର୍ଷକୁ ଭାରତର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ନାମରେ ପାଳନ କରାଯାଏ। ଯେପରି ମହାରାଷ୍ଟ୍ରରେ ଏହାକୁ 'ଗୁଡ଼ି ପାଡ଼ଓ୍ୱା' କର୍ଣ୍ଣାଟକ ଏବଂ ଆନ୍ଧ୍ରପ୍ରଦେଶରେ 'ଉଗାଡି' ଓ କାଶ୍ମୀରରେ ପଣ୍ଡିତମାନେ ଏହାକୁ 'ନବରେହ' ଭାବେ ପାଳନ କରନ୍ତି। ଓଡ଼ିଶାରେ ଯଦିଓ ଓଡ଼ିଆ ନବବର୍ଷ 'ମହାବିଷୁବ ସଂକ୍ରାନ୍ତି' (ପଣା ସଂକ୍ରାନ୍ତି) ଦିନ ପାଳିତ ହୁଏ, ତଥାପି ଚୈତ୍ର ପ୍ରତିପଦାରୁ ହିଁ ହିନ୍ଦୁ ଶାସ୍ତ୍ରୀୟ ଗଣନା ଅନୁସାରେ ନୂଆ ବର୍ଷର ଶୁଭାରମ୍ଭ ହୁଏ। ହିନ୍ଦୁ ନବବର୍ଷ କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ଏହା ଆମର ଗୌରବମୟ ଇତିହାସ, ସଂସ୍କୃତି ଓ ଜ୍ୟୋତିଷ ବିଜ୍ଞାନର ପ୍ରତୀକ। ପାଶ୍ଚାତ୍ୟ ପ୍ରଭାବରେ ଜାନୁଆରୀ ୧ କୁ ନବବର୍ଷ ଭାବେ ପାଳନ କରାଯାଉଥିଲେ ହେଁ, ଚୈତ୍ର ପ୍ରତିପଦାରେ ପ୍ରକୃତି ଓ ଆଧ୍ୟାତ୍ମର ଯେଉଁ ଯେଉଁ ଅପୂର୍ବ ମିଳନ ଦେଖିବାକୁ ମିଳେ, ତାହା ପ୍ରକୃତରେ ଅନନ୍ୟ। ଏହି ଦିନ ଆମେ ଆମର ମୂଳ ପରମ୍ପରାକୁ ସମ୍ମାନ ଜଣାଇ ନୂଆ ଆଶା ଓ ସ୍ୱପ୍ନ ସହ ଆଗକୁ ବଢ଼ିବା ଉଚିତ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ





ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୭୪

## କିଚକର ମୃତ୍ୟୁ-୫



ଅଜ୍ଞାତବାସ ଆରମ୍ଭରୁ ଦୁର୍ଯ୍ୟୋଧନର ଗୁଇନ୍ଦା ପାଣ୍ଡବମାନଙ୍କୁ ବହୁ ଆଡେ ଖୋଜି ହତାଶ ହୋଇଥିଲେ । ମତ୍ସ୍ୟ ରାଜ୍ୟରେ ସେମାନେ ଖୋଜିନଥିଲେ । କାହିଁକିନା ମତ୍ସ୍ୟ ରାଜାଙ୍କ ସହ ଦୁର୍ଯ୍ୟୋଧନର ବନ୍ଧୁତା ନଥିଲା ।

ବର୍ତ୍ତମାନ ସମ୍ବାଦ ମିଳିଲା, କିଚକକୁ ଜଣେ ଗନ୍ଧର୍ବ ମାରିଦେଇଛି । ତାପୁଣି ଜଣେ ନାରୀ ପାଇଁ । ଦୁର୍ଯ୍ୟୋଧନ ଭାବିଲା, ସେହି ଗନ୍ଧର୍ବ ନିଶ୍ଚୟ ଭୀମ ଓ ନାରୀ ଜଣକ ଦ୍ରୌପଦୀ ବ୍ୟତୀତ ଅନ୍ୟ କେହିନୁହଁ । ଭୀମ ବ୍ୟତୀତ କିଚକକୁ କିଏ ବା ମାରିପାରେ !

"ମତ୍ସ୍ୟରାଜ୍ୟ ଆକ୍ରମଣ କରିବା । ପାଣ୍ଡବମାନେ ଲୁଚିଥିଲେ ସେମାନେ ରାଜାଙ୍କୁ ସାହାଯ୍ୟ କରିବାକୁ ବାହାରି ଆସିବେ । ବାସ୍, ପୁଣି ବାରବର୍ଷ ବନବାସରେ ଯିବେ ।"- ପ୍ରାସ୍ତାବ ରଖିଲା ଦୁର୍ଯ୍ୟୋଧନ ।

ସେଠି ଉପସ୍ଥିତ ଥିଲା ତ୍ରିଗର୍ତ୍ତ ରାଜ୍ୟର ରାଜା ସୁଶର୍ମା । ସେ କହିଲା - 'କିଚକ ନାହିଁ । ରାଜା ବିରାଟ ଦୁର୍ବଳ । ମୁଁ ମତ୍ସ୍ୟ ଆକ୍ରମଣ କରିବି ଓ ସବୁ ଗୋସମ୍ପଦ ଲୁଟିଆଣିବି ।"

କର୍ଣ୍ଣ ଏଇ ପ୍ରସ୍ତାବକୁ ସମର୍ଥନ କଲା । କହିଲା- ସୁଶର୍ମା ଦକ୍ଷିଣ ପଟରୁ ଆକ୍ରମଣ କଲେ, ମତ୍ସ୍ୟର ସେନା ଦକ୍ଷିଣ ପଟକୁ ଧାଇଁବେ । ସେତିକିବେଳେ ଆମେ ଉତ୍ତରପଟୁ ଆକ୍ରମଣ କରିବା । ବାଧାଦେବାକୁ କେହିନଥିବେ ।

ସେଇଆ ହେଲା । ସୁଶର୍ମା ଦକ୍ଷିଣପଟୁ ମତ୍ସ୍ୟ ଆକ୍ରମଣ କଲା । ଗୋସମ୍ପଦ ଲୁଟିନେଲା ଓ ବଗିଚ୍ଚ ନଷ୍ଟଭ୍ରଷ୍ଟ କରିଦେଲା । ରାଜା ବିରାଟ ଶୁଣିଲା । ମନେପକାଇଲା କିଚକକୁ । ଅସହାୟ ଭାବେ କହିଲା ପଣ୍ଡିତ 'କଙ୍କ'କୁ (ଯୁଧିଷ୍ଠିର) । କଙ୍କ କହିଲେ- ଭୟ କରନ୍ତୁନାହିଁ ରାଜା । ମୁଁ ସନ୍ନ୍ୟାସୀ ହେଲେ ମଧ୍ୟ ଯୁଦ୍ଧ କରିଜାଣେ । ମୋତେ ରଥ ଯୋଗେଇ ଦେବା ହୁଅନ୍ତୁ । ଯୁଦ୍ଧକୁ ଯିବି । ମୁଁ ଶୁଣିଛି, ରୋଷେଇଆ 'ବେଲାଳ' (ଭୀମ), ଘୋଡା ଶାଳାର ରକ୍ଷକ 'ଧର୍ମଗ୍ରନ୍ଥି' (ନକୁଳ) ଏବଂ ଗାଈଆଳ ତାନ୍ତ୍ରିପାଳ (ସହଦେବ) ଉତ୍ତମ ଯୋଦ୍ଧା ଅଟନ୍ତି । ସେମାନଙ୍କୁ ମୋ ସହ ଯିବାକୁ ଆଦେଶ ଦେବା ହୁଅନ୍ତୁ । ଏବଂ ଆମକୁ ଆବଶ୍ୟକ ଅସ୍ତ୍ରଶସ୍ତ୍ର ଓ ରଥ ଯୋଗେଇ ଦିଅନ୍ତୁ । ତା'ପରେ ଦେଖନ୍ତୁ ଆମେ କ'ଣ କରୁଛୁ ।

ସମସ୍ତ ବନ୍ଦୋବସ୍ତ ହୋଇଗଲା । ଦକ୍ଷିଣ ଦିଗକୁ ବିରାଟ ରାଜାଙ୍କ ସେନା ଚାଲିଲେ । ଭୟଙ୍କର ଯୁଦ୍ଧହେଲା । କିନ୍ତୁ ରାଜା ସୁଶର୍ମାଙ୍କ ଆକ୍ରମଣ ସମ୍ଭାଳିପାରିଲେନି ରାଜା ବିରାଟ । ତାଙ୍କୁ ବାନ୍ଧିପକେଇଲେ ସୁଶର୍ମା । ଏବଂ ନିଜ ରଥରେ ପକେଇଦେଲେ ।

ଯୁଧିଷ୍ଠିର କହିଲେ ଭୀମଙ୍କୁ- ତୁମେ ସୁଶର୍ମାକୁ ଆକ୍ରମଣକର ।

ଭୀମର ଗଦାଘାତରେ ସୁଶର୍ମା ଘାଇଲା ହେଲା । ଭୀମ ତାଙ୍କୁ ବନ୍ଦୀକଲେ ଓ ରାଜା ବିରାଟଙ୍କୁ ମୁକ୍ତ କଲେ ।

ଦକ୍ଷିଣ ପଟରେ ଏହିପରି ଯୁଦ୍ଧ ଚାଲିଥିବା ବେଳେ, ଉତ୍ତରପଟୁ ଆକ୍ରମଣ କଲେ ଦୁର୍ଯ୍ୟୋଧନ ଓ ସେନା । ଗୋସମ୍ପଦ ଲୁଟିନେଲେ ।

ସେତେବେଳେ, ରାଜଧାନୀରେ କେବଳ ଥାଆନ୍ତି ରାଜକୁମାର ଉତ୍ତର । ପ୍ରଜାମାନେ ତାଙ୍କ ନିକଟରେ ଅଭିଯୋଗ କଲେ । ରାଜକୁମାର କହିଲେ- ମୋର ସାରଥୀ ନାହିଁ, ରଥ ବାହିବ କିଏ ! ସାରଥୀ ମିଳିଗଲେ ମୁଁ ଏକୁଟିଆ ଦୁର୍ଯ୍ୟୋଧନକୁ ଘଉଡେଇ ଦିଅନ୍ତି । ପୁରବାସୀଙ୍କ ପାଖରେ ଫୁଟାଣିମାରି କହିଲା ରାଜକୁମାର ଉତ୍ତର ।

ଦ୍ରୌପଦୀ ଶୁଣିଲେ ରାଜକୁମାରଙ୍କ ଫୁଟାଣି କଥା । ସେ ମନେମନେ ହସିଲେ । ପହଞ୍ଚିଲେ ରାଜକୁମାରୀ ଉତ୍ତରା ପାଖରେ । କହିଲେ, "ରାଜକୁମାରୀ ! ମହାବିପଦ । କୌରବସେନା ଉତ୍ତର ପଟୁ ଆକ୍ରମଣ କରିଛନ୍ତି । ରାଜକୁମାର କହୁଛନ୍ତି, ତାଙ୍କର ସାରଥୀ ନାହିଁ । ରାଜକୁମାରୀ ! ମୁଁ ଜାଣିଛି ବୃହନ୍ନଳା, ଅର୍ଜୁନଙ୍କର ସାରଥୀ ଥିଲା । ସେଥିସହ ଅର୍ଜୁନଙ୍କଠୁ ସେ ଧନୁ ଚାଳନା ଶିଖିଛି । ତାକୁ ଆଦେଶ ଦିଅନ୍ତୁ । ସେ ରାଜକୁମାରଙ୍କର ସାରଥୀ ହେବ ।

ରାଜକୁମାରୀ ଭାଇଙ୍କୁ କହିଲା । ରାଜକୁମାର ସହସା ବୃହନ୍ନଳାକୁ ଆଦେଶ ଦେଲେ । ରଥ ପ୍ରସ୍ତୁତ କରିବାକୁ ।

କୌରବଙ୍କ ସହ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଲେ ରାଜକୁମାର ଉତ୍ତର ।

(କ୍ରମଶଃ ...)

ନରଣପୁର, କୋଦଣ୍ଡପୁର
ଯାଜପୁର ଟାଉନ୍- ୭
ମୋ- ୮୨୪୯୬୯୩୩୦୮

# କୋଇଲିରାଣୀ ଆ...

### ନଳିନୀ ଦାଶ





ଡାକେ କୁନିପରୀ ଟିକି ହାତ ଠାରି
ଆମ ଆଗଣାକୁ ଆ.. ଆ
ମୋ ସାଥିରେ ମିତ ବସିବୁ କୋଇଲି
ଖୁସିରେ ଗୀତ ତୁ ଗାଆ ।
କୁହୁକୁହୁ ତୋର କଅଁଳିଆ ସ୍ୱର
ଲାଗଇ ଭାରି ମଧୁର
ତୋ ମିଠା ସଙ୍ଗୀତ ଶୁଣି ଶୁଣିକା ଲୋ
ଦିନ କଟିଯାଏ ମୋର ।

ଖରା ଝାଞ୍ଜିଟାରେ ବସି ଗଛାଡ଼ାଳେ
ଲୁଚୁ ତୁ ପତର ତଳେ
ଆସିବୁକି ମୋର ସାଥିରେ କୋଇଲି
ରହିବୁ ଆମରି ମେଳେ ।
ବାପାଙ୍କୁ କହି ମୁଁ ହାଟରୁ ଆଣିବି
ତୋ ପାଇଁ ଲୋ ମିଠା ଫଳ
ମୁଢ଼ି ଚୁଡ଼ା ଦେଇ ପକ୍ଷୀଙ୍କୁ ଡାକିବି
ଖେଳିବୁ କେତେ ତୁ ଖେଳ ।

ଭାଇଙ୍କୁ କହି ମୁଁ ସୁନାର ପଞ୍ଜୁରୀ
ତୋ ପାଇଁ ଆଣିବି କିଣି
ରୁପା ଥାଳିଆରେ ଖାଇବୁ ଭାତଲୋ
ପିଇବୁ ମଧୁର ପାଣି ।
ମୋ ସାଥେ ଖେଳିବୁ ନିତି ତୁ ଖାଇବୁ
ମିଠା ଆମ୍ବ ଦେବି ଆଣି
ମିଠା ଗୀତ ଗାଇ ସୁନା ଝୁଲଣରେ
ଝୁଲିବୁ କୋଇଲି ରାଣୀ ।
ଖରା ଝଡ଼ ବର୍ଷା ପବନ ବତାସ
ଆସୁ ଯିବୁନାହିଁ ଡରି
ପାଖେ ପାଖେ ତୋର ରହିଥିବି ନିତି
ଗଛର ଛାଇଟେ ପରି ।
ମାଆଙ୍କ ପାଖରୁ ଗୀତ ଗପ ଲୋରୀ
ଶୁଣି ଶୁଣି ଖୁସି ହେବୁ
ଜହ୍ନମାମୁଁ ଗୀତ ଶୁଣିବୁ ମୋ ସାଥେ
ହୀରା ପଲଙ୍କେ ଶୋଇବୁ ।
ତୋଠାରୁ ଶିଖିଲି ସହିବା ଗୁଣଟି
ସଙ୍ଗୀତର ମିଠା ସ୍ୱର
ଗାଉଥିବି ନିତି ଖୁସି ମନେ ବସି
ରହିଥିବି ପାଖେ ତୋର ।

ଭିକାରିପଡା, ଶରଣକୁଳ, ନୟାଗଡ଼
ଦୂରଭାଷ-୯୨୩୮୯୯୭୬୪୯



# ପରୀକ୍ଷା ଗଲା ସରି

### ନିରଞ୍ଜନ ସାହୁ

ପରୀକ୍ଷା ଗଲା ସରି
ଲେଖିଲେ ଖାତା ଭରି
ମୁଣ୍ଡରୁ ବୋଝ ଓହ୍ଲାଇ ଗଲା
ଖୁସି ଆସିକି ଉଛନ୍ନ କଲା
ଯିବାନି ଆଉ ଡରି
ଲୁହ ଯିବନି ଝରି ।

ଉପର ଶ୍ରେଣୀ ପଢା
ଭବିଷ୍ୟ ହେବ ଗଢ଼ା
ପରୀକ୍ଷା ଫଳ ବାହାରି ଯାଉ
ମନରେ ପାଠ ଚିନ୍ତାଟି ଥାଉ
ପାଦ ଆଗକୁ ବଢ଼ା
ଚାଲିବ ଶ୍ରେଣୀ ଚଢା ।

ନକରି କିଛି ଆଳ
ଆଗକୁ ଟିକେ ଭାଳ
ପାଠପଢା ତ ରହିବ ଲାଗି
ପାଠ ପଢିବା ଉଠରେ ଜାଗି
ସବୁ ସଙ୍କଟ ଟାଳ
ମୁହଁରୁ ପୋଛ ଝାଳ ।

ପରୀକ୍ଷା ଚିନ୍ତା ଥିଲା
ଏଇନେ ଟିକେ ଢ଼ିଲା
ସମୟ ପାଇ ଚାଲିବ ଖେଳ
ସାଙ୍ଗସାଥିଏ ହୋଇବା ମେଳ
ସହଜେ ଆମେ ପିଲା
ହୋଇବା ବିଲିବିଲା ।

ଆଗରେ ଗ୍ରୀଷ୍ମ ଛୁଟି
ସଭିଏଁ ଯିବା ଜୁଟି
ଘର ଭିତରେ କିଏସେ ଥିବ
ଆମ୍ବ ତୋଟାରେ ସମୟ ଯିବ
ହେବାନି କୁଟାକୁଟି
ଆମ୍ବ ଆଣିବା ଲୁଟି ।

ନିହଲ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ-୭୫୯୦୧୬
ମୋ- ୯୯୩୮୭୪୧୫୮୩



# ଋତୁରାଜ ବସନ୍ତ

### ଜୟକୃଷ୍ଣ ସାହୁ

ଫୁଲ ଫୁଟିଲା ବାସ ଛୁଟିଲା
ଜୁଟିଲେ ମହୁମାଛି
ଫୁଲେଇ ହୋଇ ପରଜାପତି
ବସିଲା ଫୁଲ ବାଛି
ଫଗୁଣ ମାସ ହେଲା,
ଦକ୍ଷିଣ ଦିଗୁ ମଳୟ ବହି
ମିଠା ପରଶ ଦେଲା ।
ଝୁଲି ବଉଳ ଝୁଲାଇ ଡାଳ
ସୁରଭି ବାଣ୍ଟି ଦିଏ
ଆସିଲା ହସି ଋତୁ ବସନ୍ତ
କିଏ ମୋ କାନେ କହେ
ଉଲୁସି ଉଠେ ମନ,
ଆମ୍ବ ଡାଳରୁ ଆସଇ ଛୁଟି
କୋଇଲି କୁହୁ ତାନ ।
ଚହଲିଯାଏ ମନଟି ମୋର
ଅଜଣା ପୁଲକରେ
କାରଣ ତା'ର ପାଏନି ଖୋଜି
ଦୁନିଆଁ ମୁଲକରେ
ନିରବେ ବସି ଭାବେ,
ବରଷ ସାରା ଏମିତି ସୁଖ
ପାଇନି କାହିଁ କେବେ ।
ନାହିଁ ବରଷା ନାହିଁ ଗରମ
ନାହିଁ ଶୀତଳ ବାଆ
ଖୁସିରେ ହସି ଡାକଇ ମାଆ
କୋଳକୁ ମୋର ଆ'
ବୁଝାଇ ଦେବି ତୋତେ,
ଋତୁ ଭିତରେ ବସନ୍ତ ଋତୁ
କାହିଁକି ଭଲ ଏତେ ।

କପିଳ ପ୍ରସାଦ, ଭୁବନେଶ୍ୱର-୨
ମୋ-୯୯୩୭୦୯୨୩୯୭



# ପଖାଳ ଦେହକୁ ହିତ...

### ରାମଚନ୍ଦ୍ର ବେହେରା

କାଲି ପରା ବିଶ୍ୱ ପଖାଳ ଦିବସ
ପାଳିବେ ରାଇଜେ ଜନେ
ଆମ ପ୍ରିୟ ଖାଦ୍ୟ ପଖାଳ ଭାତକୁ
ଖାଇବେ ହରଷ ମନେ ।
ପଖାଳରେ ଅଛି ବହୁ ଜୈବସାର
ଜଳୀୟଅଂଶ ବହୁତ
ଶରଧାରେ ତାକୁ ନିଇତି ଖାଇଲେ
କରିଥାଏ ଦେହ ହିତ ।
ପଖାଳରେ ଦହି ଅଦା ଲଙ୍କା ଛେଚା
ପାଟିକୁ ଲାଗେ ସୁଆଦ
ଶାଗ ବଡିଚୁରା ମାଛଭଜା ସାଥେ
ମନକୁ କରଇ ବୋଧ ।
ସଜ ପଖାଳରେ କଷି ଆମ୍ବ ନସି
ଭରିଦିଏ ନୂଆ ବାସ
କିଛି ନମିଳିଲେ ପିଆଜ ଲଙ୍କାରେ
ମନ ହୋଇଥାଏ ତୋଷ ।
ପଖାଳରେ ଅଛି ଔଷଧୀୟ ଗୁଣ
ଦେହକୁ ନଲାଗେ ଖରା
ଅଂଶୁଘାତ ଡର ମନରୁ ଦୂରାଏ
ଯେ ପିଏ ତୋରାଣି ପରା ।
ରୋଗ ପ୍ରତିରୋଧ ଶକତି ବଢାଏ
ଆମରି ପ୍ରିୟ ପଖାଳ
ହଜମ ପ୍ରକ୍ରିୟା ସାମାନ୍ୟ କରି ସେ
ଦେହକୁ ରଖେ ଚଞ୍ଚଳ ।
ଆମ ରାଇଜର ଗୌରବ ପଖାଳ
ଶକତିରେ ଭରପୂର
ଆସ ସର୍ବେ ମିଳି ପଖାଳ ଖାଇବା
ନକରି ବାଛ ବିଚାର ।

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ଆମ ଗାଁ ନଟିଆ ଅଜା

### ସୁରମା ମିଶ୍ର



ଆମ ଗାଁ ନଟିଆ ଅଜା
ପିଲାଙ୍କୁ ସରାଗେ ପାଖରେ ବସାଇ
କରୁଥାନ୍ତି କେତେ ମଜା ॥
ସଞ୍ଜ ବେଳେ ପିଲାମାନେ
ଅଜାଙ୍କୁ ଘେରିଣ ବସିଯାନ୍ତି ଆସି
ଗପ ଶୁଣିବାକୁ କାନେ ॥
କହିଲେ ଅଜାରେ ଶୁଣ
କହିବି ଆଜି ମୁଁ ଭଲ ଗପଟିଏ
ଶୁଣ ଦେଇ ମନ ଧ୍ୟାନ ॥

ଥିଲେ ବ୍ରାହ୍ମଣ ବ୍ରାହ୍ମଣୀ
ଛ' ମାସର ଛୋଟ ପୁଅଟିଏ ଥିଲା
କିଛି ସେ ଜାଣି ପାରେନି ॥
ଭାରି ଗରିବ ସେ ଥିଲେ
ଭିକ ମାଗି ଯାହା ଆଣଇ ବ୍ରାହ୍ମଣ
ବାଣ୍ଟି କୁଣ୍ଟି ଖାଉଥିଲେ ॥
ସକାଳୁ ବ୍ରାହ୍ମଣ ଯାଏ
ତାପରେ ବ୍ରାହ୍ମଣୀ ଘର କାମ ସାରି
ନିଜେ ଯାଇ ସେ ଗାଧୁଏ ॥

ନେଉଳଟେ ଥାଏ ଘରେ
ପୁଅକୁ ଛାଡ଼ି ସେ କୁଆଡେ ଯାଏନି
ଜଗିଥାଏ ତା ପାଖରେ ॥
ଦିନେ ଆସି ସାପଟିଏ
ପୁଅଟିକୁ ଚୋଟ ମାରିବା ପାଇଁକି
ଚେଷ୍ଟା କରିଥିଲା ସିଏ ॥
ନେଉଳ ଦେଖି ପାରିଲା
ଦଉଡ଼ି ଯାଇ ସେ ସାପକୁ କାମୁଡ଼ି
ଖଣ୍ଡ ଖଣ୍ଡ କରି ଦେଲା ॥
ନେଉଳ ମୁହେଁ ରକତ
ଦେଖି ସେ ବ୍ରାହ୍ମଣ ରାଗରେ ଥରିଲା
ହୋଇଗଲା ବିଚଳିତ ॥
ଠେଙ୍ଗାଟେ ହାତରେ ଧରି
ନେଉଳ ମୁଣ୍ଡକୁ ପାହାରେ ପିଟିଲା
ନେଉଳଟି ଗଲା ମରି ॥
ପୁଅକୁ ଦେଖିଲା ଯାଇ
ପୁଅ ହସୁଅଛି ମୁରୁକି ମୁରୁକି
ବାପାଙ୍କ ମୁହଁକୁ ଚାହିଁ ॥
ବ୍ରାହ୍ମଣ ବସି କାନ୍ଦଇ
ହାଏରେ ହାଏ ମୁଁ କେଡ଼େ ଭୁଲ୍ କଲି
ନିର୍ଦ୍ଦୋଷକୁ ମାରି ଦେଇ ॥
ଶୁଣ ପିଲାମାନେ ଶୁଣ
ବୁଝି ବିଚାରିଣ କାର୍ଯ୍ୟ କରିବରେ
ହୋଇ ସଦା ସାବଧାନ ॥

ବିଏଲ୍ ୩୯, ଭିଏସ୍ଏସ୍ ନଗର, ଭୁବନେଶ୍ୱର
ମୋ-୯୮୫୩୩୪୩୯୬୫

# ପଖାଳ



### ନୀଳମଣି ଚାନ୍ଦ

ହୋଇଥାଉ ଖରାବେଳ ଅବା ସିଏ ସକାଳ
ଓଡ଼ିଆ ହୋଇ ଖୋଜେନି କୁହ କିଏ ପଖାଳ
ସୁଆଦଟି ଜଣାରେ
ନ ମିଳିଲେ ହୋଇଯାଏ ସତେ ସିଏ ବଣାରେ ।
ଚଷାପୁଅ କ୍ଷେତକାମ ହାଡଭଙ୍ଗା ଖଟଣି
ବାଡ଼ ବଡ଼ିଚୂରା, ଶାଗଭଜା, ଆମ୍ବଚଟଣି
ପଖାଳଟି ଥାଉରେ
ଛ' ତିଅଣ ନଅ ଭଜା ଲୋଡେନି ସେ ଆଉରେ ।
ପଖାଳ ବି ଭୋଗ ଲାଗେ ଦିଅଁ ଜଗା ପାଖରେ
ଗରିବ ଖାଏ ପଖାଳ ତା ଜୀବନଯାକରେ
ପରିଚୟ ଆମର
ସେ ପ୍ରିୟ ଓଡ଼ିଆ ପୁଅ ରାମ, ହରି, ଦାମର ।
ବାସି, ସଜ, ଦହି ପଖାଳ ଯେ କେତେ ପ୍ରକାର
ତା ତୋରାଣି ମେଣ୍ଟାଏରେ ଆମ ଦେହ ଥକ୍କାର
ଆଉ ସବୁ ପରେରେ
ପଖାଳ ପାଇବା ଧନୀ, ଗରିବର ଘରେରେ ।
ମାର୍ଚ୍ଚ କୋଡ଼ିଏ ତାରିଖ ଯିବା ନାଇଁ ଭୁଲିରେ
'ବିଶ୍ୱ ପଖାଳ ଦିବସ' କୁହ ବୁଲିବୁଲିରେ
ପଖାଳର କଥାଟି
ଆଈ ଠାରୁ ଶୁଣି ଦେଇ ହଲେଇବା ମଥାଟି ।



ମନ୍ତମାନୋର, ଗୋଠପାଟଣା, ଭୁବନେଶ୍ୱର
ମୋ-୯୫୮୩୨୦୨୩୫୭



# ଚଇତାଳି ବାଆ ବହେ ଧୀରେ ଧୀରେ

### ପ୍ରଫୁଲ୍ଲ କୁମାର ସାହୁ



ଚଇତାଳି ବାଆ ବହେ ଧୀରେ ଧୀରେ
ସଞ୍ଜ ଯେବେ ଆସେ ନଇଁ,
ଧୀର ପବନରେ ମଲ୍ଲୀର ମହକ
ଯାଏ ଚଉଦିଗ ଛୁଇଁ ।୧।

ନାହିଁ ନାହିଁ ବର୍ଷା ଆସିନାହିଁ ଖରା
ବିଦାୟ ନେଲାଣି ଶୀତ,
ବରଷକେ ଥରେ ଆମ ଏ ଧରାକୁ
ଆସିଛି ମଧୁ ବସନ୍ତ ।୨।

ଫୁଲରେ ଫୁଲରେ ସଜେଇ ହେଲେଣି
ବଗିଚାରେ ଯେତେ ଗଛ,
ନିତି ପ୍ରଭାତରେ ମନ କିଣି ନିଏ
କୋଇଲିର କୁହୁ ଗୀତ ।୩।

ଗାଆଁ ଗାଆଁରେ ହୁଏ ନାମ ଯଜ୍ଞ
ପରିବେଶ ଉଠେ ହସି,
ଦେବ ମନ୍ଦିରରେ ହୁଏ ପୂଜା ପାଠ
ଦେଖି ଲାଗେ ବଡ଼ ଖୁସି ।୪।

ସରିଛି ପରୀକ୍ଷା ପିଲାଙ୍କ ଅପେକ୍ଷା
ଖୁସିରେ କାଟିବେ ଛୁଟି,
ମାଆଙ୍କ ସାଥିରେ ଯିବେ ମାମୁ ଘର
(ହେବେ) ଅଜା ଆଈ ଭେଟା ଭେଟି ।୫।

ଛୁଟି ସମୟକୁ ଖୁସିରେ କଟାଇ
ଛୁଟି ଯିବ ଯେବେ ସରି,
ପାଠ ପଢା ପାଇଁ ମାଆଙ୍କ ସାଥିରେ
ଘରକୁ ଆସିବେ ଫେରି ।୬।

ନୂଆ ପାଠ ପାଇଁ ହୋଇ ସଜବାଜ
ସାଥେ ନେଇ ନୂଆ ବହି,
ସାଥୀ ପିଲା ସହ ଯିବେ ପାଠ ପଢି
ମନେ ମନେ ଖୁସି ହୋଇ ।୭।

ରାଜ୍ୟ ପୁରସ୍କୃତ ପ୍ରାକ୍ତନ ପ୍ରଧାନଶିକ୍ଷକ, ଶକ୍ତି ବିହାର / ବାଲିପଡ଼ା, ମାହାଙ୍ଗା, କଟକ
ମୋ-୭୬୦୯୦୪୪୩୮୩

# ବଗୁଲିର ବିଜ୍ଞାନ ବାର୍ତ୍ତା

### ଡ. ସନ୍ତୋଷ କୁମାର ପଣ୍ଡା

ନଈ ପଠା କାଶତଣ୍ଡୀ ଗହଳରେ,
ବସିଛି ବଗୁଲି ସାଥୀଙ୍କ ମେଳରେ ।
ନାଲି ଚଷମାଟି ନାକରେ ଥୋଇ,
ପଢୁଛି ବହି ସେ ମନ ଦେଇ ।
ମାଛ ଧରିବାକୁ ଯାଇଛି ଭୁଲି
ନୂଆ ନୂଆ କଥା କହୁଛି ଖାଲି ।
କହେ ସେ, ଶୁଣରେ ସାଥୀ ପକ୍ଷୀଗଣ,
ବିଜ୍ଞାନ ବିନା କାହିଁ ଜୀବନ ?'
ସୂର୍ଯ୍ୟ କାହିଁକି ପୂରବେ ଉଏଁ ?
ପବନ କିପରି ସବୁଠି ଥାଏ ?
ମଞ୍ଜିରୁ କିପରି କଅଁଳେ ଗଛ ?
ଏସବୁ ତ ଜାଣ ବିଜ୍ଞାନ ସତ ।
ଜହ୍ନ ମାମୁଁ ଆଉ ଦୂରରେ ନାହିଁ,
ରକେଟ୍ ଚଢ଼ି ସେଠାକୁ ଯାଇ ।
ଅନ୍ଧବିଶ୍ୱାସ ଦୂରେଇ ଦିଅ,
ଯୁକ୍ତିରେ ସବୁ କଥାକୁ କୁହ ।
ବଗୁଲି କହେ ଏ ବିଜ୍ଞାନ ବାର୍ତ୍ତା,
ବଦଳିଯିବ ଆମ ଜଗତ ଚିନ୍ତା ।
ପଢ଼ିବା ଜାଣିବା ନୂଆ ଏ ଜ୍ଞାନ,
ଦେଶର ବଢ଼ିବ ତେବେ ସମ୍ମାନ ।

କଟକ



ବିଜୟଲକ୍ଷ୍ମୀ ପାଣିଗ୍ରାହୀ

# ବଳକା ଖାଦ୍ୟ



ଧାଇଁ ଧାଇଁ ଚାଲିଗଲା ଫେବୃଆରୀ ମାସଟା । ବାହାଘର-ବ୍ରତଘର ସାଙ୍ଗକୁ ଜନ୍ମଦିନର ଭୋଜି । ଯେତେଥର ସଜେଇ ରଖିଲେ ବି ଘରେ ନିମନ୍ତ୍ରଣ ପତ୍ରର ଥାକଟା ବାରମ୍ବାର ଖସି ଯାଉଥିଲା । ଏମିତି ବି ଦିନକୁ ଚାରି ପାଞ୍ଚଟି ଭୋଜି ରହୁଥିଲା । ଭୋଜି ଖାଇ ଖାଇ, ଖାଇବା ଇଚ୍ଛା ମରିଗଲାଣି । ବାପା ଆସି ନିପୁଣକୁ କହିଲେ, ଦେଖିଲୁ ... ତୋ ସାଙ୍ଗ ନିବେଦନ ପାଣିଗ୍ରାହୀ ଘର ଭୋଜି କେବେ ଅଛି ? ନିପୁଣ ଖୋଜିବାକୁ ଲାଗିଲା କାର୍ଡ । ହଳଦିଆ ରଙ୍ଗର କାର୍ଡଟିକୁ ଖୋଲି ଦେଖିଲା । ସାଙ୍ଗର ବ୍ରତ ଚାରିକର୍ମ ଷୋହଳ ତାରିଖ ଆଉ ବ୍ରତ ଧାରଣ ସତର ତାରିଖରେ ଥିଲା । ବାପାଙ୍କ ହାତକୁ କାର୍ଡ଼ଟିକୁ ବଢ଼ାଇ ଦେଉ ଦେଉ ନିପୁଣ ପୁଣି କାର୍ଡଟିକୁ ବାପାଙ୍କ ହାତରୁ ଟାଣି ଆଣିଲା ।

- ବାପା ଟିକେ ରହିଲେ... (କାର୍ଡକୁ ପଢି) ଏମିତି କ'ଣ କାର୍ଡରେ ଲେଖାଯାଏ ?

- କାହିଁ କ'ଣ ଲେଖା ହୋଇଛି କି ?

- ବାପା ! ଏଠାରେ ଲେଖା ହୋଇଛି, 'ଖାଦ୍ୟ ନଷ୍ଟ କରିବେ ନାହିଁ, ନିଶ୍ଚୟ ଆସିବେ' ।

ସେହି ସମୟରେ ମାଆ ସେଠାରେ ପହଞ୍ଚି ଏ କଥା ଶୁଣି ଫିକ୍ କରି ହସିଦେଲେ । ସେ କହିଲେ ଏମିତି କଥା କିଏ କ'ଣ କେବେ କାର୍ଡରେ ଲେଖନ୍ତି । ଖାଦ୍ୟ ଶ୍ରଦ୍ଧାରେ ଖାଇବାକୁ ଦେବା ପୂର୍ବରୁ କାର୍ଡରେ ସତର୍କ କରାଯାଉଛି କି ନଷ୍ଟ କରନାହିଁ । କେମିତି ଗୋଟେ ଅଡୁଆ ଲାଗୁଛି । ଖାଦ୍ୟ ପରଶିବା ସମୟରେ କେତେ ସଚେତନ ରହିବ ସେ କଥା ଭିନ୍ନ । ହେଲେ ଏମିତି କାର୍ଡରେ ଲେଖିବା ଉଚିତ୍ ମନେ ହେଉନାହିଁ ।

ନିପୁଣ କହିଲା , ବାପା ! ନିବେଦନ ଘର ତ ଧନୀ ଘର । ଡାକିଥିବା ଲୋକଙ୍କୁ ଆରାମରେ ଖୋଇପାରିବେ । ହେଲେ ଏମିତି କାହିଁକି ଲେଖିଲେ ? ନିବେଦନର ବାପା ବଡ଼ ଲୋଭୀ ନିଶ୍ଚୟ । ଯଦି ତାଙ୍କର ଖାଦ୍ୟ ନଷ୍ଟ ହେବାକୁ ନେଇ ଏତେ ଚିନ୍ତା ତେବେ ଭୋଜି କାହିଁକି କରୁଛନ୍ତି ? ଆମେ ତାଙ୍କ ଭୋଜିକୁ ଯିବା ନାହିଁ ।

- ସେଦିନ ଆମେ ତାଙ୍କ ଭୋଜିକୁ ହିଁ ଯିବା ।

- କାହିଁକି ବାପା ? ଆଉ ଦୁଇଟି ଭୋଜି ଅଛି । ଅନ୍ୟ ସ୍ଥାନକୁ ଯାଇପାରିବା ।

- ନା... ଆମେ ସେଠାକୁ ହିଁ ଯିବା । ଆରେ ବୁଦ୍ଧୁ ! ସେ ପରା ଲେଖିଛନ୍ତି ଖାଦ୍ୟ ନଷ୍ଟ କରିବେ ନାହିଁ । ଆମେ ଯଦି ଯିବା ନାହିଁ ତେବେ ଆମ ପାଇଁ ରାନ୍ଧିଥିବା ଖାଦ୍ୟ ତାଙ୍କର ବଳିଯିବ, ମାନେ ନଷ୍ଟ ହେବ । ତେଣୁ ପ୍ରଥମରୁ ସୂଚନା ଦେଇ ସେ ଆମକୁ ଭୋଜିକୁ ଯିବା ପାଇଁ ବାଧ କରିଦେଇଛନ୍ତି ।

ଏକଥା ଶୁଣି ସେଠାରୁ ଚାଲି ଯାଉଥିବା ମାଆ ଟିକେ ଅଟକି ରହି କହିଲେ, ଆରେ ଏ କଥାର ମର୍ମ ତୁମେ କେତେ ସୁନ୍ଦର ଭଙ୍ଗୀରେ ବୁଝାଇଦେଲ । ଆମେ ମାତ୍ର ଭୁଲ୍ ବୁଝିଥିଲୁ । ବୁଝିଲୁ ନିପୁଣ ... ନିବେଦନର ବାପା କେତେ ସୁନ୍ଦର କଥାଟିଏ ଚିନ୍ତା କରିଛନ୍ତି । ତେଣୁ ଆମେ ତାଙ୍କ ଭୋଜିକୁ ହିଁ ଯିବା ।

ଭୋଜିଦିନ ନିପୁଣ ଦେଖିଲା ଅନେକ ଲୋକଙ୍କ ଗହଳି । ପାଞ୍ଚଟା କାଉଣ୍ଟର ହୋଇଥିବା ହେତୁ ସୁରୁଖୁରୁରେ ସମସ୍ତେ ଖାଉଛନ୍ତି । ଯାହାକୁ ଯେତିକି ଆବଶ୍ୟକ ସେତିକି ଖାଦ୍ୟ ନେଇ ଖାଉଛନ୍ତି । ଖାଇବା ଥାଳିରେ ବିଶେଷ ଖାଦ୍ୟ ଫିଙ୍ଗୁ ନାହାନ୍ତି । କାରଣ କାଉଣ୍ଟର ପାଖରେ ସୂଚନା ଦିଆଯାଉଛି, 'ଯାହା ଇଚ୍ଛା ତାହା ଖାଆନ୍ତୁ... ନ ଖାଇବା ଖାଦ୍ୟ ମାଗି ଅଯଥା ଫିଙ୍ଗନ୍ତୁ ନାହିଁ । କାରଣ ଆପଣ ନଖାଇ ପାରିଲେ ଅଇଁଠା ଥାଳି ରଖିବା ସ୍ଥାନରେ ଯିଏ ଠିଆ ହୋଇଛନ୍ତି ସେ ସେହି ବଳକା ଖାଦ୍ୟକୁ ଖାଇବେ ।' ଅଇଁଠା ଥାଳି ରଖିବା ସ୍ଥାନରେ ବଳକା ଖାଦ୍ୟର ଚିତ୍ର ସହିତ ଲେଖା ହୋଇଛି, 'ମୋତେ ଫିଙ୍ଗନ୍ତୁ ନାହିଁ । ପାଖରେ ଜଣେ ଠିଆ ହୋଇ ନମ୍ର ଭାବରେ ଖାଦ୍ୟ ବଳକା କରି ଫିଙ୍ଗୁଥିବା ବ୍ୟକ୍ତିଙ୍କୁ କହୁଛନ୍ତି... 'ବଳକା ଖାଦ୍ୟ ଆପଣ ଖାଇ ଦିଅନ୍ତୁ ନହେଲେ ମୋତେ ଦିଅନ୍ତୁ । ମୁଁ ଖାଇଦେବି ।'

ସେଥିପାଇଁ ସମସ୍ତେ ସଚେତନ ହୋଇଯାଇଛନ୍ତି । ସବୁଆଡେ ଏହି ଚର୍ଚ୍ଚା ଚାଲିଛି । 'ବହୁତ ଭଲ କାମଟେ କରିଛନ୍ତି, ପାଣିଗ୍ରାହୀ ପରିବାର । ଏମିତି ସବୁଠାରେ ହେବା ଆବଶ୍ୟକ । କାରଣ ଅନେକ ଲୋକ ଖାଇବାକୁ ନପାଇଲାବେଳେ ଭୋଜିଭାତରେ ଲକ୍ଷ ଲକ୍ଷ ଟଙ୍କାର ଖାଦ୍ୟ ନଷ୍ଟ ହେବା ଦିନକୁ ଦିନ ବଢୁଛି । ତେଣୁ ପାଣିଗ୍ରାହୀ ଘର ଏକ ସୁନ୍ଦର ପ୍ରୟାସ କରିଛନ୍ତି ।'

ଏ କଥା ଶୁଣି ନିପୁଣର ସବୁ ସନ୍ଦେହ ଦୂର ହୋଇଗଲା । ସେ ମାଆକୁ ଯାଇ କହିଲା ମାଆ ମୋ ବ୍ରତଘର ଭୋଜିରେ ଆମେ ମଧ୍ୟ ଏମିତି କାର୍ଡରେ ଲେଖିବା ଆଉ ଖାଦ୍ୟ ନଷ୍ଟ କରେଇବା ନାହିଁ । ମାଆ ହସିଦେଇ ମୁଣ୍ଡ ହଲେଇଲେ । ଅଦୂରରୁ ନିବେଦନର ବାପା ଆସି କହିଲେ, 'ତୁ ଏମିତି କଥାହେଉଥିଲେ ତୋ ଆଇସକ୍ରିମ୍ ତରଳି ଯାଇ ନଷ୍ଟ ହୋଇଯିବ ଯେ.... ।' ଏକାବେଳେ ସମସ୍ତେ ହସି ଉଠିଲେ ।

ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ
ମୋ-୮୨୪୯୪୫୦୦୫୦

## ଏଫ୍‌ଆଇଏଚ୍ ହକି ବିଶ୍ୱକପ୍
# ଅଗଷ୍ଟ ୧୬ରୁ ଭାରତର ଅଭିଯାନ

**ନୂଆଦିଲ୍ଲୀ**

ଆଗାମୀ ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ (ପୁରୁଷ ଓ ମହିଳା) ପାଇଁ ଆଜି ଡ୍ର' ଘୋଷଣା ହୋଇଛି। ପୁରୁଷ ବିଭାଗରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ସମାନ ଗ୍ରୁପ୍ (ଡି)ରେ ସ୍ଥାନ ପାଇଛନ୍ତି। ସେହିପରି ମହିଳା ବିଭାଗରେ ମଧ୍ୟ ଭାରତୀୟ ଦଳ ଗ୍ରୁପ୍-ଡି'ରେ ସ୍ଥାନ ପାଇଛି। ଏଥର ବେଲଜିୟମ ଓ ନେଦରଲାଣ୍ଡ୍ସ ମିଳିତ ଭାବେ ହକି ବିଶ୍ୱକପ୍ ଆୟୋଜନ କରିବେ। ଆଗାମୀ ଅଗଷ୍ଟ ୧୪ରୁ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇ ୩୦ ତାରିଖରେ ଶେଷ ହେବ। ପୁରୁଷ ବିଭାଗରେ ଭାରତ ସହଜ ଗ୍ରୁପ ସ୍ଥାନ ପାଇଛି। ଏହି ଗ୍ରୁପ ପାକିସ୍ତାନ, ଇଂଲଣ୍ଡ ଓ ୱେଲ୍ସ ରହିଛନ୍ତି। ଭାରତୀୟ ଦଳ ଅଗଷ୍ଟ ୧୬ ତାରିଖରେ ୱେଲ୍ସକୁ, ୧୮ ତାରିଖରେ ଇଂଲଣ୍ଡକୁ, ୨୦ ତାରିଖରେ ପାକିସ୍ତାନକୁ ଭେଟିବ।

ସେହିପରି ଗ୍ରୁପ୍-ଏ'ରେ ଆୟୋଜକ ନେଦରଲାଣ୍ଡ୍ସ ସମେତ ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ, ଜାପାନ ରହିଥିବାବେଳେ ଗ୍ରୁପ୍-ବି'ରେ ବେଲଜିୟମ, ଜର୍ମାନୀ, ଫ୍ରାନ୍ସ, ମାଲେସିଆ ଏବଂ ଗ୍ରୁପ୍-ସି'ରେ ଅଷ୍ଟ୍ରେଲିଆ, ସ୍ପେନ, ଆୟର୍ଲାଣ୍ଡ, ଦକ୍ଷିଣ ଆଫ୍ରିକା ସ୍ଥାନ ପାଇଛନ୍ତି। ମହିଳା ବିଭାଗରେ ଭାରତୀୟ ଦଳ ଗ୍ରୁପ୍ଡି'ରେ ଚୀନ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ସହ ସ୍ଥାନ ପାଇଛି। ଦଳ ଅଗଷ୍ଟ ୧୬ରେ ଚୀନକୁ, ୧୮ରେ ଦକ୍ଷିଣ ଆଫ୍ରିକାକୁ, ୨୦ରେ ଇଂଲଣ୍ଡକୁ ଭେଟିବ।

ଗ୍ରୁପ୍ଏ'ରେ ନେଦରଲାଣ୍ଡ୍ସ, ଅଷ୍ଟ୍ରେଲିଆ, ଚିଲି, ଜାପାନ ଗ୍ରୁପ୍-ବି'ରେ ଆର୍ଜେଣ୍ଟିନା, ଜର୍ମାନୀ, ଆମେରିକା, ସ୍କଟଲାଣ୍ଡ ଏବଂ ଗ୍ରୁପ୍-ସି'ରେ ବେଲଜିୟମ, ସ୍ପେନ, ନ୍ୟୁଜିଲାଣ୍ଡ ଓ ଆୟର୍ଲାଣ୍ଡ ରହିଛନ୍ତି। ପ୍ରତି ଗ୍ରୁପ୍‌ରୁ ଶ୍ରେଷ୍ଠ ପ୍ରଦର୍ଶନକାରୀ ୨ଟି ଲେଖାଏଁ ଦଳ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହେବେ। ଏହି ରାଉଣ୍ଡରେ ୨ଟି ଗ୍ରୁପ୍ (ଇ ଓ ଏଫ୍)ରେ ୮ଟି ଦଳ ଭାଗ ନେବେ। ସେହିପରି ଉଭୟ ଗ୍ରୁପ୍‌ର ଶ୍ରେଷ୍ଠ ପ୍ରଦର୍ଶନକାରୀ ୨ଟି ଲେଖାଏଁ ଦଳ ସେମି ଫାଇନାଲ୍‌କୁ ଉନ୍ନୀତ ହେବେ।

# ଜସ୍‌ପ୍ରିତ ବୁମ୍‌ରା ଏବଂ ଅକ୍ଷର ପଟେଲଙ୍କ ଦରମା ବଢ଼ାଇବ ବିସିସିଆଇ

**ନୂଆଦିଲ୍ଲୀ**




ଜସ୍‌ପ୍ରିତ ବୁମ୍‌ରାହ ଏବଂ ଅକ୍ଷର ପଟେଲ ନିରନ୍ତର ଭଲ ପ୍ରଦର୍ଶନ କରିଆସୁଛନ୍ତି। ଏହା ସତ୍ତ୍ୱେ କେନ୍ଦ୍ରୀୟ ଚୁକ୍ତିନାମା ଅନୁଯାୟୀ ସେମାନଙ୍କର ଦରମା ହ୍ରାସ କରାଯାଇଥିଲା। ବର୍ତ୍ତମାନର ରିପୋର୍ଟ ଅନୁସାରେ ସେମାନଙ୍କ ଦରମା ବୃଦ୍ଧି ପାଇବାକୁ ଯାଉଛି। ଏହି ବିଷୟ ଉପରେ ବର୍ତ୍ତମାନ ବିସିସିଆଇ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ଚାଲିଛି। ରିପୋର୍ଟ ଅନୁସାରେ ବିସିସିଆଇର ମତ ହେଉଛି ଯେ କେନ୍ଦ୍ରୀୟ ଚୁକ୍ତିନାମାର ଇ ବର୍ଗରେ ଆସୁଥିବା ବୁମ୍‌ରାଙ୍କ ଦରମା ହ୍ରାସ ପାଇବା ଉଚିତ୍ ନୁହେଁ। ବିସିସିଆଇର ଇ ବର୍ଗ କେନ୍ଦ୍ରୀୟ ଚୁକ୍ତିନାମାରେ ବାର୍ଷିକ ୫ କୋଟି ପାରିଶ୍ରମିକ ରହିଛି। ବିସିସିଆଇ 'ଏ+' ବର୍ଗକୁ ବନ୍ଦ କରିଦେଇଛି, ଯାହା ଅଧୀନରେ ବୁମ୍‌ରାହ ପୂର୍ବରୁ ୭କୋଟି ପାଉଥିଲେ।

ଏକ ରିପୋର୍ଟ ଅନୁଯାୟୀ, ବିସିସିଆଇ ଜସପ୍ରିତ ବୁମରାଙ୍କୁ କିପରି କ୍ଷତିପୂରଣ ଦିଆଯିବ ତାହା ନିର୍ଣ୍ଣୟ କରିବା ପାଇଁ ଏକ ରାସ୍ତା ବାହାର କରୁଛି। ବିସିସିଆଇର ଏକ ସୂତ୍ର କହିଛି, "ବୋର୍ଡ ଏକ ସମାଧାନ ଉପରେ କାମ କରୁଛି ଯାହା ଦ୍ୱାରା ବୁମରାହଙ୍କୁ ତାଙ୍କ ପ୍ରାପ୍ୟ ପାରିଶ୍ରମିକ ମିଳିବ। ଅନ୍ୟ ଖେଳାଳି ଅଛନ୍ତି ଯାହାଙ୍କ ଦରମା ହ୍ରାସ କରାଯାଇଛି, ଏବଂ କେନ୍ଦ୍ରୀୟ ଚୁକ୍ତିନାମାରେ ପରିବର୍ତ୍ତନ ଏବେ ଏକ ସମ୍ଭାବନା।" ଯଦି ବିସିସିଆଇ ଏହି ପରିବର୍ତ୍ତନଗୁଡ଼ିକୁ କାର୍ଯ୍ୟକାରୀ କରେ, ତେବେ ଟି୨୦ ଦଳର ଉପ-ଅଧିନାୟକ ଅକ୍ଷର ପଟେଲ ମଧ୍ୟ ବୋର୍ଡଠାରୁ ଅଧିକ ଦରମା ପାଇପାରିବେ।

ଆଶ୍ଚର୍ଯ୍ୟଜନକ ଭାବରେ, ଅକ୍ଷର ପଟେଲ ବର୍ତ୍ତମାନ ଗ୍ରେଡ୍ ସି ବର୍ଗରେ ପଡ଼ନ୍ତି, ଯାହାଙ୍କର ବାର୍ଷିକ ଦରମା ମାତ୍ର ୧ କୋଟି। ଅକ୍ଷର ପଟେଲ ଦୁଇଟି ଟି୨୦ ବିଶ୍ୱକପ୍ ଏବଂ ଚାମ୍ପିଅନ୍ସ ଟ୍ରଫିରେ ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଫଳସ୍ୱରୂପ, ଅନେକ କ୍ରିକେଟ ବିଶେଷଜ୍ଞ ପୂର୍ବରୁ ତାଙ୍କର ତୁଳନାତ୍ମକ କମ୍ ପାରିଶ୍ରମିକ ସମ୍ପର୍କରେ ଚିନ୍ତା ପ୍ରକାଶ କରିଥିଲେ। ବିସିସିଆଇ ଏବେ ତାଙ୍କ ଦରମା ବୃଦ୍ଧି କରିବାର ସମ୍ଭାବନା ରହିଛି।

ଗ୍ରେଡ୍ ଏରେ ଶୁଭମାନ ଗିଲ, ଜସପ୍ରୀତ ବୁମ୍‌ରା ଏବଂ ରବିନ୍ଦ୍ର ଜାଡେଜା ରହିଛନ୍ତି। ଗ୍ରେଡ୍ ବିରେ ରୋହିତ ଶର୍ମା, ବିରାଟ କୋହଲି, କେ.ଏଲ୍ ରାହୁଲ, ହାର୍ଦ୍ଦିକ ପାଣ୍ଡ୍ୟା, ଋଷଭ ପନ୍ତ, କୁଲଦୀପ ଯାଦବ, ଯଶସ୍ୱୀ ଜୟସୱାଲ, ସୂର୍ଯ୍ୟକୁମାର ଯାଦବ, ଶ୍ରେୟାସ ଆୟର, ମହମ୍ମଦ ସିରାଜ ଏବଂ ୱାଶିଂଟନ୍ ସୁନ୍ଦର ଅନ୍ତର୍ଭୁକ୍ତ।

ଗ୍ରେଡ୍ ସିରେ ଅକ୍ଷର ପଟେଲ, ରିଙ୍କୁ ସିଂ, ତିଲକ ଭର୍ମା, ଶିବମ୍ ଦୁବେ, ଅର୍ଶଦୀପ ସିଂ, ସଞ୍ଜୁ ସାମସନ, ପ୍ରସାଦ କୃଷ୍ଣ, ଆକାଶ ଦୀପ, ଧ୍ରୁଭ ଜୁରେଲ, ହର୍ଷିତ ରାଣା, ବରୁଣ ଚକ୍ରବର୍ତ୍ତୀ, ନୀତୀଶ କୁମାର ରେଡ୍ଡୀ, ଅଭିଷେକ ଶର୍ମା, ସାଇକ୍ ସୁଦର୍ଶନ, ସାଇ ସୁଦର୍ଶନ ରହିଛନ୍ତି।

# ଇଶାନ ହେଲେ ଏସଆରଏଚର ଅଧିନାୟକ, ଅଭିଶେକ ଉପଅଧିନାୟକ

**ହାଇଦ୍ରାବାଦ**

ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବାକୁ ଯାଉଛି ଆଇପିଏଲ ୨୦୨୬। ସମସ୍ତ ଦଳ ନିଜର ଅଭ୍ୟାସ ଆରମ୍ଭ କରିଥିବାବେଳେ ଟ୍ରଫି ହାତେଇବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ନିଜର ରଣନୀତି ଉପରେ ସମସ୍ତ ଦଳ ଜର ଦେଉଥିବା ବେଳେ ସନରାଇଜର୍ସ ହାଇଦ୍ରାବାଦ ନିଜର ଅଧିନାୟକ ବଦଳାଇଛି। ଟିମ୍ ଇଣ୍ଡିଆର ଷ୍ଟାର ବ୍ୟାଟ୍ସମ୍ୟାନ୍ ଇଶାନ କିଷନଙ୍କୁ ଅଧିନାୟକ ପଦ ଦେଇଥିବାବେଳେ ଅଭିଶେକ ଶର୍ମାଙ୍କୁ ଉପଅଧିନାୟକ ପଦ ଦେଇଛି। ପାଟ କମିନ୍ସଙ୍କ ସ୍ଥାନରେ ଦଳର ଅଧିନାୟକ ପଦ ସମ୍ଭାଳିବେ ଇଶାନ।

ପିଠିରେ ଯନ୍ତ୍ରଣା କାରଣରୁ ପ୍ରଥମରୁ କିଛି ମ୍ୟାଚ୍‌ରେ ଖେଳିବେ ନାହିଁ ପାଟ୍ କମିନ୍ସ। ଆହତ କାରଣରୁ ସେ ଏବେ ବିଶ୍ରାମ ନେଉଛନ୍ତି। ଯେଉଁ କାରଣରୁ ଦଳ ପ୍ରାରମ୍ଭିକ ମ୍ୟାଚଗୁଡ଼ିକରେ ଇଶାନଙ୍କୁ ଅଧିନାୟକ ଦାୟିତ୍ୱ ଦେଇଛି। ଏହାସହ ବିସ୍ଫୋରକ ଓପନର ଅଭିଶେକ ଶର୍ମାଙ୍କୁ ଦଳର ଉପଅଧିନାୟକ ପଦ ସମ୍ଭାଳିବାକୁ ଦାୟିତ୍ୱ ଦେଇଛି। ଇଶାନ ଏବଂ ଅଭିଶେକ ଶର୍ମା ନିକଟରେ ଟି-୨୦ ବିଶ୍ୱକପରେ ଭାରତ ପାଇଁ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ଭାରତ ବିଜୟୀ ହେବାରେ ଏମାନଙ୍କ ଭୂମିକା ମଧ୍ୟ ରହିଛି। ଫାଇନାଲରେ ଦମଦାର ପ୍ରଦର୍ଶନ କରିଥିଲେ। ଆଉ ଏବେ ହାଇଦ୍ରାବାଦ ଫ୍ରାଞ୍ଚାଇଜ୍ ଗୁରୁ ଦାୟିତ୍ୱ ଦେଇଛି। ଇଶାନ କିଷନ ହାଇଦ୍ରାବାଦ ପାଇଁ ଦ୍ୱିତୀୟ ସିଜିନ୍ ଖେଳିବେ। ତଥାପି ଦଳ ତାଙ୍କ ଉପରେ ବିଶ୍ୱାସ ରଖିଥିବବେଳେ ଅଧିନାୟକ ପଦ ଦେଇଛି। ପୂର୍ବରୁ ଝାଡ଼ଖଣ୍ଡ ପକ୍ଷରୁ ରଣଜୀ ଟ୍ରଫିରେ ଅଧିନାୟକ ଭାବେ



ଦାୟିତ୍ୱ ତୁଲାଇଛନ୍ତି ଇଶାନ। ତାଙ୍କ ଅଧିନାୟକତ୍ୱରେ ଝାଡ଼ଖଣ୍ଡ ସୟଦ ମୁସ୍ତାଅଲ୍ଲୀ ଟ୍ରଫି ବିଜୟୀ ହୋଇଛି। ତେବେ ଇଶାନଙ୍କ ସମ୍ପର୍କରେ ଯଦି କହିବା ତାହେଲେ ସେ ୨୦୨୨ ମସିହାର ଶେଷ ପର୍ଯ୍ୟାୟରେ ଭାରତୀୟ ଦଳରୁ ଦୂରରେ ରହିଥିଲେ। ଏହାସହ ତାଙ୍କ ବାର୍ଷିକ ଚୁକ୍ତିନାମା ମଧ୍ୟ ସରିଥିଲା। ଦଳକୁ ଫେରିବା ପାଇଁ ସଂଘର୍ଷ କରିଥିଲେ। ଆଉ ନିଜର ଦକ୍ଷତା ବଳରେ ଘରୋଇ କ୍ରିକେଟରେ ଦମ୍‌ଦାର ପ୍ରଦର୍ଶନ କରିବା ଟି-୨୦ ବିଶ୍ୱକପ ୨୦୨୬ରେ ଦଳରେ ଖେଳିବାର ସୁଯୋଗ ପାଇଲେ ଏବଂ ନିଜର ଦକ୍ଷତା ଦେଖାଇଛନ୍ତି।

# ପିଏସଏଲ-୨୦୨୬ : ହାଇଦ୍ରାବାଦ କିଙ୍ଗ୍ସମ୍ୟାନର ଅଧିନାୟକ ହେଲେ ମାର୍ନସ ଲାବୁସେନ




**କରାଚୀ**

ଅଷ୍ଟ୍ରେଲିଆର ଷ୍ଟାର ବ୍ୟାଟର ମାର୍ନସ ଲାବୁସେନ ପ୍ରଥମ ଥର ପାଇଁ ପାକିସ୍ତାନ ସୁପର ଲିଗ (ପିଏସଏଲ) ଖେଳିବାକୁ ଯାଉଛନ୍ତି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି, ପଦାର୍ପଣ ସିଜିନରେ ହିଁ ତାଙ୍କୁ ଏକ ଦଳର ନେତୃତ୍ୱ ମିଳିଛି। ପିଏସଏଲ୍‌ର ନୂତନ ଦଳ 'ହାଇଦ୍ରାବାଦ କିଙ୍ଗ୍ସମ୍ୟାନ' ଲାବୁସେନଙ୍କୁ ନିଜର ଅଧିନାୟକ ଭାବେ ନିଯୁକ୍ତ କରିଛି। ଫ୍ରାଞ୍ଚାଇଜ ପକ୍ଷରୁ ଏହି ବଡ଼ ଘୋଷଣା କରାଯାଇଛି। ମାର୍ନସ ଲାବୁସେନ ଟେଷ୍ଟ ଏବଂ ଦିନିକିଆ କ୍ରିକେଟର ଜଣେ ଦକ୍ଷ ଖେଳାଳି ହୋଇଥିଲେ ମଧ୍ୟ ଟି-୨୦ ଫର୍ମାଟରେ ତାଙ୍କର ସେଭଳି ବଡ଼ ନାମ ନାହିଁ। ସେ ଏପର୍ଯ୍ୟନ୍ତ ମୋଟ ୫୫ଟି ଟି-୨୦ ମ୍ୟାଚ୍? ଖେଳି ୨୬.୫ ହାରରେ ୧୩୮୧ ରନ୍? କରିଛନ୍ତି। ତାଙ୍କର ଷ୍ଟ୍ରାଇକ୍? ରେଟ୍?(୧୨୬.୫) ମଧ୍ୟ ଏହି ଫର୍ମାଟ ଅନୁଯାୟୀ ସାଧାରଣ ରହିଛି। ଫ୍ରାଞ୍ଚାଇଜ କ୍ରିକେଟରେ ସେ କେବଳ ଅଷ୍ଟ୍ରେଲିଆର 'ବିଗ ବ୍ୟାସ୍ ଲିଗ୍' ଏବଂ ଇଂଲଣ୍ଡର 'ଟି-୨୦ ବ୍ଲାଷ୍ଟ'ରେ ଅଂଶଗ୍ରହଣ କରିଛନ୍ତି। ହାଇଦ୍ରାବାଦ କିଙ୍ଗ୍ସମ୍ୟାନ ଦଳରେ ଟି-୨୦ର ବିସ୍ଫୋରକ ବ୍ୟାଟର ଗ୍ଲେନ୍ ମ୍ୟାକ୍ସୱେଲ ରହିଛନ୍ତି। ଏହା ସତ୍ତ୍ୱେ ଲାବୁସେନ୍‌ଙ୍କୁ ଅଧିନାୟକ କରାଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। କୁହାଯାଉଛି ଯେ, ମ୍ୟାକ୍ସୱେଲ ପୁରା ସିଜିନ ପାଇଁ ଉପଲବ୍ଧ ନ ଥାଇ ପାରନ୍ତି, କିନ୍ତୁ ଲାବୁସେନ ସମ୍ପୂର୍ଣ୍ଣ ସିଜିନ୍ ଖେଳିବା ପାଇଁ ସମ୍ମତି ଦେଇଛନ୍ତି। ସେଥିପାଇଁ ଦଳ ପରିଚାଳନା କମିଟି ଲାବୁସେନ୍‌ଙ୍କୁ ଉପରେ ଭରସା ପ୍ରକଟ କରିଛି। ଲାବୁସେନ ଟେଷ୍ଟରେ ୧୧ଟି ଶତକ ଏବଂ ଦିନିକିଆରେ ୨ଟି ଶତକ ହାସଲ କରିଛନ୍ତି, କିନ୍ତୁ ଟି-୨୦ରେ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଏପର୍ଯ୍ୟନ୍ତ ବାକି ଅଛି। ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଥିବା ପିଏସଏଲ୍‌ରେ ତାଙ୍କର ରଣନୀତି କିପରି ରହିବ, ସେଥିପ୍ରତି ସମସ୍ତଙ୍କ ନଜର ରହିଛି।

# ପାକିସ୍ତାନ ଉପରେ ବର୍ଷିଲେ ରଶିଦ ଖାନ

**କାବୁଲ**






ପାକିସ୍ତାନ ପୁଣି ଥରେ ଆଫଗାନିସ୍ତାନ ଉପରେ ବିମାନ ଆକ୍ରମଣ କରିଛି। ଏହି ବିମାନ ଆକ୍ରମଣ ମାଧ୍ୟମରେ ପାକିସ୍ତାନ ଆଫଗାନିସ୍ତାନର କାବୁଲରେ ଧ୍ୱଂସଲୀଳା ସୃଷ୍ଟି କରିଛି। ଏହି ଆକ୍ରମଣରେ ପ୍ରାୟ ୪୦୦ ଆଫଗାନ ପ୍ରାଣ ହରାଇଛନ୍ତି। ଏହି ବିମାନ ଆକ୍ରମଣ ଫଳରେ ଆଫଗାନିସ୍ତାନକୁ ବହୁତ କ୍ଷତି ସହିବାକୁ ପଡ଼ିଛି। ପାକିସ୍ତାନର ଏହି ଆକ୍ରମଣ ପରେ, ଆଫଗାନିସ୍ତାନ ସ୍ପିନର ରଶିଦ ଖାନଙ୍କ ସମେତ ଅନେକ ଖେଳାଳି ସେମାନଙ୍କର ଦୁଃଖ ପ୍ରକାଶ କରିଛନ୍ତି। ସେମାନେ ଦାବି କରିଛନ୍ତି ଯେ, ଏହି ବିମାନ ଆକ୍ରମଣ କରି ପାକିସ୍ତାନ ନିରୀହ ସାଧାରଣ ଲୋକଙ୍କ ଜୀବନ ନେଇଛି।

ରଶିଦ ଖାନ ବିମାନ ଆକ୍ରମଣ ଖବର ଶୁଣି ସ୍ପଷ୍ଟ ଭାବରେ ବ୍ୟଥିତ ଦେଖାଯାଉଥିଲେ। ସେ ପ୍ରାଣ ହରାଇଥିବା ଲୋକଙ୍କ ପ୍ରତି ସମବେଦନା ପ୍ରକାଶ କରିଥିଲେ। ଏକ୍ସରେ ସେ ଲେଖିଛନ୍ତି, ପାକିସ୍ତାନ ବିମାନ ଆକ୍ରମଣ ଫଳରେ କାବୁଲରେ ସାଧାରଣ ଲୋକଙ୍କ ଜୀବନହାନୀରେ ମୁଁ ଗଭୀର ଦୁଃଖିତ। ଜାଣିଶୁଣି କିମ୍ବା ଅଜାଣତରେ ଲୋକଙ୍କ ଘର, ସ୍କୁଲ ଏବଂ ହସ୍ପିଟାଲକୁ ଟାର୍ଗେଟ କରିବା ଅତ୍ୟନ୍ତ ଭୁଲ। ପବିତ୍ର ରମଜାନ ମାସରେ ଏପରି କାର୍ଯ୍ୟ ବିଶେଷ ଭାବରେ ଦୁଃଖଦାୟକ।

ଆଫଗାନିସ୍ତାନ ସ୍ପିନର ଆହୁରି ଲେଖିଛନ୍ତି ଯେ, ଏହି ସଂଘର୍ଷ କେବଳ ଘୃଣାକୁ ପ୍ରୋତ୍ସାହିତ କରିବ। ମୁଁ ଜାତିସଂଘ ଏବଂ ମାନବାଧିକାର ସଂଗଠନଗୁଡ଼ିକୁ ଏହି ଘଟଣାର ତଦନ୍ତ କରିବାକୁ ଏବଂ ଅପରାଧୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରୁଛି। ଏହି କଷ୍ଟକର ସମୟରେ ମୁଁ ମୋର ସାଥୀ ଆଫଗାନିସ୍ତାନ ମାନଙ୍କ ସହିତ ଏକତାରେ ଠିଆ ହୋଇଛି। ଆମେ ଏହି ଦୁଃଖର ସମୟରୁ ବାହାରି ଆସିବୁ ଏବଂ ଏକ ରାଷ୍ଟ୍ର ଭାବରେ ପୁଣି ଥରେ ଆଗକୁ ବଢ଼ିବୁ। ଆମେ ସବୁବେଳେ କରିଛୁ।

ରଶିଦ ଖାନଙ୍କ ବ୍ୟତୀତ ଅନ୍ୟ ଆଫଗାନିସ୍ତାନ କ୍ରିକେଟରମାନେ ମଧ୍ୟ ଏହି ପାକିସ୍ତାନୀ ବିମାନ ଆକ୍ରମଣ ଉପରେ ଦୁଃଖ ପ୍ରକାଶ କରିଛନ୍ତି। ଏକ୍ସରେ ପୋଷ୍ଟ କରି, ମହମ୍ମଦ ନବି ପାକିସ୍ତାନର ବିମାନ ଆକ୍ରମଣକୁ ନିନ୍ଦା କରିଛନ୍ତି।

ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ବହୁତ ସମୟ ଧରି ଏକ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଜାରି ରହିଛି। ଗତ କିଛି ଦିନ ଧରି ଆକ୍ରମଣର ଏକ ଚକ୍ର ଆରମ୍ଭ ହୋଇଛି – କେତେବେଳେ ଆଫଗାନିସ୍ତାନ ପାକିସ୍ତାନ ଉପରେ ଆକ୍ରମଣ କରୁଛି ତ ଆଉ କେତେବେଳେ ପାକିସ୍ତାନ ଆଫଗାନିସ୍ତାନ ଉପରେ ଆକ୍ରମଣ କରୁଛି। ଏହା ଦୁଇ ଦେଶ ମଧ୍ୟରେ ଯୁଦ୍ଧ ପରି ପରିସ୍ଥିତି ସୃଷ୍ଟି କରିଛି।

# କେକେଆରକୁ କୃତଜ୍ଞତା ଜଣାଇଲେ ଗୌତମ ଗମ୍ଭୀର

**ନୂଆଦିଲ୍ଲୀ**




ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଆଇପିଏଲ ପୂର୍ବରୁ କେକେଆରକୁ ବଡ଼ ଶ୍ରେୟ ଦେଇଛନ୍ତି। ୨୦୨୪ ଟି-୨୦ ବିଶ୍ୱକପ ବିଜୟ ପରେ ଭାରତର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ନେଇଥିବା ଗମ୍ଭୀର ୨୦୨୭ ପର୍ଯ୍ୟନ୍ତ ଭାରତୀୟ ଦଳକୁ କୋଚିଂ ଦେବେ। ତେବେ ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ହେବା ପଛରେ କେକେଆର ଭୂମିକା ରହିଥିବା କହିଛନ୍ତି ଗମ୍ଭୀର। ଗମ୍ଭୀର ଏକ ଇଣ୍ଟରଭ୍ୟୁରେ କହିଛନ୍ତି କି, କେକେଆର ମୋତେ ଲିଡର ହେବାର ସୁଯୋଗ ଦେଇଛି। କେକେଆର ସହ ରହି ମୁଁ ଅନେକ ସଫଳତା ପାଇଛି। କୋଲକାତା ୩ ଥର ଆଇପିଏଲ ଟ୍ରଫି ଜିତିଛି। ଯେଉଁଥିରେ ଗମ୍ଭୀରଙ୍କ ଭୂମିକା ରହିଛି। ୨୦୧୨, ୨୦୧୪ ଏବଂ ୨୦୨୪ ସିଜିନରେ କେକେଆର ଚାମ୍ପିଅନ ହୋଇଛି। ପ୍ରଥମ ଦୁଇଟି ସିଜିନରେ ସେ ଦଳର ଅଧିନାୟକ ପଦ ସମ୍ଭାଳିଥିବାବେଳେ ୨୦୨୪ ସିଜିନରେ ମେଣ୍ଟର ଭାବେ ଦାୟିତ୍ୱ ତୁଲାଇଥିଲେ।

ଗମ୍ଭୀର ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ହେବାପରେ ଦଳ ଦୁଇଟି ଆଇସିସି ଟ୍ରଫି ଜିତିଛି। ୨୦୨୫ ଚାମ୍ପିୟନ୍ସ ଟ୍ରଫି ଏବଂ ୨୦୨୬ ଟି-୨୦ ବିଶ୍ୱକପ ମଧ୍ୟ ଦଳ ତାଙ୍କ ପ୍ରଶିକ୍ଷକରେ ଜିତିଛି। ୨୦୨୭ ପର୍ଯ୍ୟନ୍ତ ତାଙ୍କର କାର୍ଯ୍ୟକାଳ ରହିଥିବା ତାଙ୍କ ପ୍ରଶିକ୍ଷଣରେ ୨୦୨୭ ଦିନିକିଆ ବିଶ୍ୱକପ ମଧ୍ୟ ଖେଳିବ। ଯଦି ଦଳ ବିଜୟୀ ହୁଏ ତାହେଲେ ତିନୋଟି ଆଇସିସି ଟ୍ରଫି ଜିତିପାରିବେ।

## ବାତିଲ ହେବ ବାହାରିନ, ସାଉଦି ଆରବ ଗ୍ରାଁପ୍ରି : ଖୁବ୍‌ଶୀଘ୍ର ବିଧିବଦ୍ଧ ଘୋଷଣା କରିବେ ଫର୍ମୁଲା ୱାନ୍‌ର ସର୍ବୋଚ୍ଚ ସଂଘ

**ମୁମ୍ବାଇ**

ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବରେ ଫର୍ମୁଲା ୱାନ୍ ସିଜନ କ୍ଷତିଗ୍ରସ୍ତ ହେବାକୁ ଯାଉଛି। ବର୍ଷର ଦୁଇ ଲୋକପ୍ରିୟ ରେସ୍ ବାହାରିନ ଓ ସାଉଦି ଆରବ ଗ୍ରାଁପ୍ରି ବାତିଲ ହେବା ଏକ ପ୍ରକାର ନିଶ୍ଚିତ ରହିଛି।

ଚଳିତ ବର୍ଷ ମୋଟ ୨୪ଟି ରେସ୍ ଅନୁଷ୍ଠିତ ହେବାର ଥିଲା। ବାହାରିନ୍ ଓ ସାଉଦି ଆରବ ଗ୍ରାଁପ୍ରି ବାତିଲ ହେବା ଫଳରେ ରେସ୍ ସଂଖ୍ୟା ୨୨କୁ ଖସିବ। ଯାହା ଫଳରେ ଆୟୋଜକ ଫିଆ (ଅନ୍ତର୍ଜାତୀୟ ଅଟୋମୋବାଇଲ ସଙ୍ଘ) ଅତି କମ୍‌ରେ ୧୦୦ ମିଲିୟନ ୟୁରୋ କ୍ଷତି ସହିବ। ଫର୍ମୁଲା ୱାନ୍‌କୁ ବାହାରିନ ଓ ସାଉଦି ଆରବ ସର୍ବାଧିକ ଆୟୋଜନ ପାଉଣା ପ୍ରଦାନ କରନ୍ତି।

ଆସନ୍ତା ଏପ୍ରିଲ ୧୦ରୁ ୧୨ ତାରିଖ ମଧ୍ୟରେ ବାହାରିନ ଗ୍ରାଁପ୍ରି ଓ ଏପ୍ରିଲ ୧୭ରୁ ୧୯ ମଧ୍ୟରେ ସାଉଦି ଆରବିଆନ ଗ୍ରାଁପ୍ରି ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ମାତ୍ର ଇରାନ, ଆମେରିକା ଓ ଇସ୍ରାଏଲ ମଧ୍ୟରେ ଗତ ମାସ ୨୮ ତାରିଖରୁ ଲାଗି ରହିଥିବା ଯୁଦ୍ଧ ଥମିବାର ନାଁ ଧରୁନି। ଯୁଦ୍ଧରେ ବାହାରିନ ରାଜଧାନୀ ମାନାମା ଓ ସାଉଦି ଆରବର ଜେଦାହ ସହର ବେଶ୍ କ୍ଷତିଗ୍ରସ୍ତ ହୋଇଛି। ଯାହା ଫଳରେ ସେଠାରେ ରେସ୍ ଆୟୋଜନ କରିବା ସମ୍ଭବ ନୁହେଁ। ଯୁଦ୍ଧ ଯୋଗୁଁ ବିମାନ ସେବା ମଧ୍ୟ ବାଧାପ୍ରାପ୍ତ ହେଉଛି।

ଉଭୟ ରେସ୍ ବାତିଲ ହେଲେ ପାଖା ପାଖି ୪ସପ୍ତାହର ବିଶ୍ରାମ ସମୟ ମିଳିବ। ମେ' ୨୯ରେ ଜାପାନିଜ ଗ୍ରାଁପ୍ରି ଶେଷ ହେବ ଓ ମେ' ୩ ତାରିଖରେ ଆରମ୍ଭ ହେବ ମାୟାମୀ ଗ୍ରାଁପ୍ରି। ମଝିରେ କେବଳ ବାହାରିନ ଓ ସାଉଦି ଆରବ ଗ୍ରାଁପ୍ରି ରହିଥିଲା।

ଏହି ବ୍ୟବଧାନକୁ ସୀମିତ ରଖିବା ପାଇଁ ଆୟୋଜକ ଜାପାନରେ ଡବଲ୍ ରେସ ଆୟୋଜନ କରିବାକୁ ଚିନ୍ତା କରୁଛନ୍ତି। ତେବେ ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇ ନାହିଁ।

# ମୁଁ ପଡ଼ିଆରେ ପାଦ ଦେଲେ ହଜାର ହଜାର ଲୋକଙ୍କ ସ୍ୱପ୍ନକୁ ମୋ ସହିତ ବହନ କରେ : ସଞ୍ଜୁ ସାମସନ

**ନୂଆଦିଲ୍ଲୀ**




ଟି-୨୦ ବିଶ୍ୱକପ ବିଜୟୀ ଦଳର ନାୟକ ସଞ୍ଜୁ ସାମସନ କହିଛନ୍ତି ଯେ ଆଗାମୀ ଆଇପିଏଲରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସକେ) ପାଇଁ ଖେଳୁଥିବା ସମୟରେ ସେ ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂହ ଧୋନିଙ୍କଠାରୁ ବାଣିଜ୍ୟର କିଛି କୌଶଳ ଶିଖିବାକୁ ଉତ୍ସାହିତ।

ସାମସନ ତାଙ୍କର ଅଧିକାଂଶ ଆଇପିଏଲ ମ୍ୟାଚ୍ ରାଜସ୍ଥାନ ରୟାଲ୍ସ ପାଇଁ ଖେଳିଛନ୍ତି, କିନ୍ତୁ ସେ ଏବେ ସିଏସକେରେ ଯୋଗ ଦେଇଛନ୍ତି। ମାର୍ଚ୍ଚ ୩୦ରେ ଗୁଆହାଟୀରେ ଯେତେବେଳେ ଏହି ଦୁଇ ଦଳ ମୁହାଁମୁହିଁ ହେବେ, ସେତେବେଳେ ସାମସନ ଚେନ୍ନାଇ ଜର୍ସି ପିନ୍ଧିଥିବା ଦେଖିବାକୁ ମିଳିବ।

ସାମସନ କହିଛନ୍ତି, 'ମୁଁ ମାହି ଭାଇ (ଧୋନି)ଙ୍କ ସହ ଫୋନ ମାଧ୍ୟମରେ କଥା ହୋଇଛି, କିନ୍ତୁ ତାଙ୍କ ପରି ସମାନ ଦଳର ଅଂଶ ହେବା ଏବଂ ତାଙ୍କ ସହିତ ଖେଳିବା ବହୁତ ଭଲ ହେବ। ମୁଁ ଏହାକୁ ତାଙ୍କଠାରୁ ଶିଖିବାର ସୁଯୋଗ ଭାବରେ ଦେଖୁଛି।'

ଏହା ରାଜସ୍ଥାନ ରୟାଲ୍ସ ପାଇଁ ଏକ ଘରୋଇ ମ୍ୟାଚ ହେବ ଏବଂ ୩୧ ବର୍ଷୀୟ ସାମସନ କହିଛନ୍ତି ଯେ ସେ ଏହି ଖେଳ ସମୟରେ ତାଙ୍କର ଭାବନାକୁ ତାଙ୍କ ଉପରେ ପ୍ରଭାବ ପକାଇବାକୁ ଦେବେ ନାହିଁ। ସେ କହିଛନ୍ତି, 'ମୁଁ ସିଏସକେ ପାଇଁ ଖେଳିବାକୁ ଉତ୍ସାହିତ। ଏହା ପ୍ରଥମ ଥର ପାଇଁ ମୁଁ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ଖେଳିବି, କିନ୍ତୁ ମୁଁ ପଡ଼ିଆରେ ଭାବନାକୁ କବ୍‌ଜା କରିବାକୁ ଦିଏ ନାହିଁ। ମୁଁ ରାଜସ୍ଥାନ ରୟାଲ୍ସ ଛାଡ଼ିଥିଲି କାରଣ ମୁଁ ଅନୁଭବ କଲି ଯେ ଦଳ ସହିତ ମୋର ସମୟ ଶେଷ ହୋଇଯାଇଛି। ମୁଁ ସେମାନଙ୍କ ବିରୁଦ୍ଧରେ ମଧ୍ୟ ମୋର ସର୍ବୋତ୍ତମ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିବି।'

ସାମସନ ଉଲ୍ଲେଖ କରିଥିଲେ ଯେ ବିଶ୍ୱକପ ପୂର୍ବରୁ ଭଲ ପ୍ରଦର୍ଶନ କରିବାରେ ତାଙ୍କର ଅକ୍ଷମତା ତାଙ୍କୁ ଆତ୍ମନିରୀକ୍ଷଣ ପାଇଁ ସୁଯୋଗ ଦେଇଥିଲା। ଟି୨୦ ବିଶ୍ୱକପରେ 'ପ୍ଲେୟାର ଅଫ ଦି ଟୁର୍ଣ୍ଣାମେଣ୍ଟ' ଭାବରେ ସମ୍ମାନିତ ହୋଇଥିବା ସାମସନ କହିଛନ୍ତି, 'ଯେତେବେଳେ ମୁଁ ବିଶ୍ୱକପ ଖେଳିବା ପାଇଁ ଘରୁ ବାହାରିଥିଲି, ମୁଁ ବହୁତ ଆତ୍ମବିଶ୍ୱାସୀ ଥିଲି; ତଥାପି ଭାଗ୍ୟର ଅନ୍ୟ ଯୋଜନା ଥିଲା। ମୁଁ ଭଲ ଖେଳିଥିଲି ଏବଂ ଫେରିବା ପରେ ମୋତେ ଏକ ଚମତ୍କାର ସ୍ୱାଗତ ମିଳିଥିଲା।'

ସେ ଆହୁରି ମଧ୍ୟ କହିଛନ୍ତି, 'ଯେତେବେଳେ ମୁଁ ପଡ଼ିଆକୁ ପାଦ ଦିଏ, ମୁଁ ହଜାର ହଜାର ଲୋକଙ୍କ ସ୍ୱପ୍ନକୁ ମୋ ସହିତ ବହନ କରେ। ସେମାନେ ମୋତେ ଭଲ ପ୍ରଦର୍ଶନ କରୁଥିବା ଦେଖିବାକୁ ଚାହାନ୍ତି ଯାହା ଦ୍ୱାରା ସେମାନେ ଅନୁଭବ କରିପାରିବେ ଯେ ଏକ ଛୋଟ ସହରର ଜଣେ ପୁଅ ପ୍ରକୃତରେ କ୍ରିକେଟର ସବୁଠାରୁ ବଡ଼ ମଞ୍ଚରେ ଖେଳିପାରିବ।" ସାମସନ ପାଇଁ, ଟୁର୍ଣ୍ଣାମେଣ୍ଟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ଥିଲା କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କଠାରୁ ଏକ ବାର୍ତ୍ତା ପାଇବା। ଏହା ବ୍ୟତୀତ, ଏହି ୱିକେଟକିପର-ବ୍ୟାଟ୍‌ସମ୍ୟାନଙ୍କ ପାଇଁ ଟାଇଟଲ ଜିତିବା ପରେ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ଦ୍ୱାରା ଆଲିଙ୍ଗନ କରିବା ଏକ ସମାନ ବିଶେଷ ମୁହୂର୍ତ୍ତ ଥିଲା। ସାମସନ କହିଛନ୍ତି, 'ଗୌତି ଭାଇ ଏବଂ ମୋର ଏକ ବହୁତ ପୁରୁଣା ସମ୍ପର୍କ ଅଛି। ସେ ଅଧିକ କିଛି କହିଲେ ନାହିଁ; ସେ କେବଳ ପ୍ରାୟ ୩୦ ସେକେଣ୍ଡ ପାଇଁ ମୋତେ ଆଲିଙ୍ଗନ କରିଥିଲେ। ଆମେ ଏହିପରି ଯୋଗାଯୋଗ କରିଥିଲୁ।'

# ଫିଫାରେ ଟି-ଟ୍ୱେଣ୍ଟି ବିଶ୍ୱକପ ପରି ଡ୍ରାମା, ଜିଦରେ ଅଟଳ ଇରାନ

**ନୂଆଦିଲ୍ଲୀ**

ମାସକ ତଳେ ଆଇସିସି ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପରେ ବିବାଦ ଦେଖା ଦେଇଥିଲା। ଠିକ୍ ସେହିପରି ଫିଫା ବିଶ୍ୱକପ ୨୦୨୬କୁ ନେଇ ବିବାଦ ଉପୁଜିଛି। ସୁରକ୍ଷା ଚିନ୍ତା ଦର୍ଶାଇ ବାଂଲାଦେଶ ଟି-ଟ୍ୱେଣ୍ଟି ବିଶ୍ୱକପ ଖେଳିବା ପାଇଁ ଭାରତ ଯାତ୍ରା କରିବାକୁ ମନା କରିଥିଲା। ଠିକ୍ ସେହିପରି ଇରାନ ଫୁଟବଲ ଦଳ ସୁରକ୍ଷା ଚିନ୍ତା ଦର୍ଶାଇ ସମାନ ଭାବରେ ଆମେରିକାରେ ମ୍ୟାଚ ଖେଳିବାକୁ ବିଷୟରେ ଚିନ୍ତା ପ୍ରକାଶ କରିଛି। ଫିଫା ବିଶ୍ୱକପ ଜୁନ୍ ୧୧ ତାରିଖରୁ ଆରମ୍ଭ ହେବ। ଜୁଲାଇ ୧୯ ପର୍ଯ୍ୟନ୍ତ ଚାଲିବ।

କ୍ରିକେଟ ବିଶ୍ୱକପରେ ବାଂଲାଦେଶ ଭାରତ ବଦଳରେ ଏକ ନିରପେକ୍ଷ ଗ୍ରାଉଣ୍ଡ ଦାବି କରିଥିଲା। ତା'ର ମ୍ୟାଚକୁ ଶ୍ରୀଲଙ୍କା କିମ୍ବା ପାକିସ୍ତାନକୁ ସ୍ଥାନାନ୍ତର କରିବାକୁ ଦାବି କରିଥିଲା। ଏବେ ଫିଫା ବିଶ୍ୱକପରେ ଇରାନ ସମାନ ଭାବରେ ତା'ର ମ୍ୟାଚ୍‌କୁ ମେକ୍ସିକୋକୁ ସ୍ଥାନାନ୍ତର କରିବାକୁ ଦାବି କରିଛି। ଏହା ପରେ ମେକ୍ସିକୋ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦେଇ କହିଛି ଯେ, ଆବଶ୍ୟକ ହେଲେ ସେ ଇରାନର ମ୍ୟାଚ ଆୟୋଜନ କରିବ। ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ସେନବାଉମ୍ କହିଛନ୍ତି ଯେ, ବିଶ୍ୱ ଫୁଟବଲ ପରିଚାଳନା ସଂସ୍ଥା ଫିଫା ଚାହେଁ ତେବେ ମେକ୍ସିକୋ ଇରାନ ମ୍ୟାଚ ଆୟୋଜନ କରିବାକୁ ଇଚ୍ଛୁକ। ଏଥିରେ ଦେଶକୁ କୌଣସି ଅସୁବିଧା ହେବ ନାହିଁ। ଇରାନ ଫୁଟବଲ ଫେଡେରେସନ ପୂର୍ବରୁ ଫିଫାକୁ ଆମେରିକା ବାହାରେ ଅନ୍ୟ ଏକ ଦେଶରେ ମ୍ୟାଚ୍ ସ୍ଥାନାନ୍ତର କରିବାକୁ ଅନୁରୋଧ କରିଛି। ଏହି ଅଞ୍ଚଳରେ ସମ୍ପ୍ରତି ବୃଦ୍ଧି ପାଇଥିବା ସାମରିକ ଉତ୍ତେଜନା ଏବଂ ଆମେରିକା ସଂଯୁକ୍ତ ଆକ୍ରମଣ ପରେ ଇରାନୀ ଦଳ ତା'ର ଖେଳାଳିଙ୍କ ସୁରକ୍ଷା ବିଷୟରେ ଚିନ୍ତିତ। ୨୦୨୬ ବିଶ୍ୱକପ ୩ଟି ଦେଶରେ ଅନୁଷ୍ଠିତ ହେବ। ଆମେରିକା, ମେକ୍ସିକୋ ଏବଂ କାନାଡାରେ ବିଶ୍ୱକପ ଆୟୋଜିତ ହେବ। ବର୍ତ୍ତମାନ ଇରାନ କିଛି ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍ ଆମେରିକାର ବିଭିନ୍ନ ସହରରେ ଖେଳିବାର କାର୍ଯ୍ୟକ୍ରମ ରହିଛି। ଇରାନ କେବଳ ସୁରକ୍ଷା ବିଷୟ ନୁହେଁ ବରଂ ଭିସା ନିୟମ, ଯାତ୍ରା ପ୍ରତିବନ୍ଧକ ଏବଂ ରାଜନୈତିକ ପାଣିପାଗ ବିଷୟରେ ମଧ୍ୟ ଚିନ୍ତାର ସମ୍ମୁଖୀନ ହେଉଛି। ମ୍ୟାଚ ସୂଚୀ, ଷ୍ଟାଡିୟମ ଏବଂ ଟିକେଟିଂ ବୁକିଂ ପୂର୍ବରୁ ଚୂଡ଼ାନ୍ତ ହୋଇ ସାରିଛି। ତେଣୁ ଅନ୍ୟ ଦେଶକୁ ମ୍ୟାଚ ସ୍ଥାନାନ୍ତର କରିବା ସହଜ ହେବ ନାହିଁ। ଫିଫା ଏ ପର୍ଯ୍ୟନ୍ତ କୌଣସି ସରକାରୀ ବିବୃତ୍ତି ଜାରି କରିନାହିଁ। ଯଦି ଇରାନ ସମସ୍ୟାର ସମାଧାନ ନ ହୁଏ, ତେବେ ଦଳ ଟୁର୍ଣ୍ଣାମେଣ୍ଟରେ ସାମିଲ ହେବା ନିଷ୍ପତ୍ତି ଉପରେ ପୁଣି ବିଚାର କରିପାରେ। ଏହି ଘଟଣା ଦର୍ଶାଉଛି କି ଅନ୍ତର୍ଜାତୀୟ ରାଜନୀତି କ୍ରୀଡାକୁ ପ୍ରଭାବିତ କରୁଛି।

# ରାତି ଅଧରେ ମହିଳାଙ୍କୁ ରାଜପଥରେ ଓହ୍ଲାଇ ପଳାଉଛି ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ମହିଳା ଅସୁରକ୍ଷିତ। ନିୟମିତ ବ୍ୟବଧାନରେ ବିଭିନ୍ନ ସ୍ଥାନରେ ବଢ଼ିଚାଲିଛି ମହିଳାଙ୍କ ପ୍ରତି ଅସଦାଚରଣ ଓ ଦୁଷ୍କର୍ମ। ଖାସ୍ କରି ଗୋପାଳପୁର ଥାନା ଇଲାକାରେ ଏହି ସଂଖ୍ୟା ଅଧିକ। ଖୋଦ୍ ପରିବହନ ମନ୍ତ୍ରୀଙ୍କ ନିଜ ନିର୍ବାଚନମଣ୍ଡଳୀ ଗୋପାଳପୁରରେ ଏହି ସମସ୍ୟା ଅଧିକ ଥିବା ବେଳେ ଏଠାରେ ସୁଭଦ୍ରା ବା ମହିଳାମାନେ ଅସୁରକ୍ଷିତ। ଏଭଳି ସ୍ଥିତିରେ ମହିଳାଙ୍କୁ ଗୁରୁତ୍ୱ ଦିଆଯାଉଥିବା ନେଇ ଦ୍ୱାହି ଦେଇ ରାଜ୍ୟରେ ସରକାରଙ୍କ ପକ୍ଷରୁ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରାଯାଇଥିବା ବେଳେ ଏଠାରେ ଖୋଦ୍ ସୁଭଦ୍ରାମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ପୂର୍ବ ସରକାର ଅମଳରେ ମହିଳାଙ୍କୁ ଗୁରୁତ୍ୱ ଦିଆଯାଇ ପ୍ରଥମେ ରାଜ୍ୟ ଭାବେ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇଥିଲା। ସେହିଭଳି ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ ଚାଲୁ କରାଯାଇଥିବା ସ୍ୱତନ୍ତ୍ର ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ଭଲଭୋ ବସ୍‌ରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ରିହାତିର ବ୍ୟବସ୍ଥା କରାଯାଇଥିଲା। ତେବେ ସରକାର ବଦଳିବା ସହିତ ବ୍ୟବସ୍ଥାରେ ହୋଇଛି ପରିବର୍ତ୍ତନ। ବସ୍‌ର ରଙ୍ଗ ବଦଳିବା ସାଙ୍ଗକୁ ବଦଳିଛି ଢ଼ଙ୍ଗ। ନିକଟରେ ସହର ମଧ୍ୟରୁ ସିଟି ବସ୍‌ଷ୍ଟାଣ୍ଡ୍‌କୁ ଡୁଡୁମା କଲୋନୀ ଅସ୍ଥାୟୀ ବସ୍‌ଷ୍ଟାଣ୍ଡକୁ ସ୍ଥାନାନ୍ତର ସହିତ ହଳଦିଆପଦର ଠାରେ ବସ୍‌ଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରିବା ପରେ ସୃଷ୍ଟି ହୋଇଛି ଜଟିଳ ଅବସ୍ଥା। ଖାସ୍ କରି ଓଏସ୍‌ଆରଟିସି ପକ୍ଷରୁ ଭୁବନେଶ୍ୱର ଠାରୁ ବ୍ରହ୍ମପୁର ମଧ୍ୟରେ ଚାଲୁ ରହିଥିବା ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍ ବସ୍‌ରେ। ଏହି ବସଗୁଡ଼ିକ ପୂର୍ବଭଳି ସହର ଭିତରେ ଯାତାୟତ ନ କରି ବାଇପାସ୍‌ରେ ଯାତାୟତ କରୁଛି। ଯାହାକୁ ନେଇ ଯାତ୍ରୀଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ନିକଟରେ ଏହି ବସ୍‌ରେ ଯାତ୍ରୀ ଭଡ଼ା ୭୫ ଟଙ୍କା ବୃଦ୍ଧି ସହିତ ବସ୍‌ର ରହଣି ସ୍ଥଳକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଥିବା ଅସନ୍ତୋଷକୁ ନେଇ ଖବର ପ୍ରକାଶ ପାଇଥିଲା। ଏହାପରେ ଅବଶ୍ୟ ଅଭିଯୋଗର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଓଏସ୍‌ଆରଟିସି କର୍ତ୍ତୃପକ୍ଷ ଜଗନ୍ନାଥ ଏକ୍ସପ୍ରେସ୍‌କୁ ସହର ଭିତରେ ଚଳାଚଳ ପୁନଃ ଆରମ୍ଭ କରିଛନ୍ତି। ତେବେ ରାତିରେ ଭୁବନେଶ୍ୱରରୁ ଫେରିବା ବେଳେ ବସ୍‌ଗୁଡ଼ିକ ବ୍ରହ୍ମପୁର ସହରରେ ପ୍ରବେଶ ନ କରି ଜାତୀୟ ରାଜପଥରେ ଯାତାୟତ କରୁଛି। ଫଳରେ ଏକୁଟିଆ ଆସୁଥିବା ମହିଳାଙ୍କୁ ରାତିରେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବା ବେଳେ ଅସୁରକ୍ଷିତ ଭାବେ ଗନ୍ତବ୍ୟସ୍ଥଳକୁ ଯାଉଛନ୍ତି। ଭୁବନେଶ୍ୱରକୁ ଅପରାହ୍ନରେ ବ୍ରହ୍ମପୁରକୁ ଯଥାକ୍ରମେ ୩ଟା ୩୦ ମିନିଟ୍, ୫ଟା, ୬ଟା ଓ ଶେଷରେ ୭ଟା ୩୦ ମିନିଟ୍‌ରେ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ନିୟମିତ ବସ୍ ଆସୁଛି। ଭୁବନେଶ୍ୱରରୁ ବ୍ରହ୍ମପୁରକୁ ଆସିବା ପାଇଁ ୩ ଘଣ୍ଟା ସମୟ ଲାଗୁଥିବା ବେଳେ ଶେଷ ଦୁଇଟି ଅର୍ଥାତ୍ ୬ଟା ଓ ସାଢ଼େ ୭ଟା ରେ ବାହାରୁଥିବା ବସ୍ ରାତି ୯ଟା ଏବଂ ରାତି ସାଢ଼େ ୧୦ଟାରେ ପହଞ୍ଚୁଛି। ତେବେ ବସ୍‌ଗୁଡ଼ିକ ରାତିରେ ଫେରିବା ବେଳେ ସହର ଭିତରକୁ ପ୍ରବେଶ ନ କରି ବାଇପାସ୍‌ରେ ଚଳାଚଳ କରୁଥିବାରୁ ଏକୁଟିଆ ମହିଳା ଯାତ୍ରୀଙ୍କୁ ଅସୁରକ୍ଷିତ ଯାତାୟତ କରିବାକୁ ପଡୁଛି। ଜାତୀୟ ରାଜପଥରେ ଅର୍ଥାତ୍ ସହରକୁ ଆସିବାକୁ ହେଲେ ଗୋପାଳପୁର ଛକ, ଆଙ୍କୁଲି ଛକ, ଲାଞ୍ଜିପଲ୍ଲୀ ଛକ ଓ ଗୋସାଇଁନୂଆଗାଁ ଛକରେ ମହିଳା ଯାତ୍ରୀଙ୍କୁ ଓହ୍ଲାଇବାକୁ ହୋଇଥାଏ। ଜାତୀୟ ରାଜପଥରେ ଢ଼ିଲା ପାଟ୍ରୋଲିଂ ସହିତ ମଦ୍ୟପଙ୍କ ଦୌରାତ୍ମ୍ୟ ବଢ଼ି ଲାଗିଥିବା ବେଳେ କେତେବେଳେ ଯେ କିଛି ଅଘଟଣ ନ ଘଟିବ ଏହା କହିବା ମୁସ୍କିଲ୍। ଏଣୁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍‌ରେ ସୁଭଦ୍ରା ଅସୁରକ୍ଷିତ ବୋଲି ସାଧାରଣରେ ଆଲୋଚନା ହେଉଛି। ଓଏସ୍‌ଆରଟିସି କର୍ତ୍ତୃପକ୍ଷ ତଥା ନିଜେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏଥିରେ ହସ୍ତକ୍ଷେପ କରି ସମସ୍ୟାର ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

ଭୁବନେଶ୍ୱର, ୧୯ମାର୍ଚ୍ଚ, ଗୁରୁବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# କାର୍ଯ୍ୟାନୁଷ୍ଠାନ ପୂର୍ବରୁ ସରକାରୀ କର୍ମଚାରୀଙ୍କ ମୃତ୍ୟୁ ହେଲେ ବିଭାଗୀୟ ପ୍ରୋସିଡିଂ ବନ୍ଦ ହେବ

**କଟକ, ୧୮।୩:ନ୍ୟୁଜ୍‌ବ୍ୟୁରୋ**

ଯଦି କୌଣସି ସରକାରୀ କର୍ମଚାରୀଙ୍କ ବିରୋଧରେ ଚାଲିଥିବା ବିଭାଗୀୟ ପ୍ରୋସିଡିଂର ନିଷ୍ପତ୍ତି ଆସିବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟେ, ତେବେ ସେହି ପ୍ରୋସିଡିଂ ଆପଣାଛାଏଁ ବନ୍ଦ ହୋଇଯିବା ଉଚିତ। ଜଣେ ମୃତ ସରକାରୀ କର୍ମଚାରୀଙ୍କ ବିରୋଧରେ ଚାଲିଥିବା ଦୀର୍ଘ ଦିନର ବିଭାଗୀୟ ପ୍ରୋସିଡିଂ ଆଳରେ ତାଙ୍କ ପତ୍ନୀଙ୍କୁ ପେନ୍‌ସନ୍ ସହ ଅନ୍ୟାନ୍ୟ ଅବସରକାଳୀନ ସୁବିଧା ଦିଆନଯିବା ପ୍ରସଙ୍ଗରେ ହାଇକୋର୍ଟ ଏଭଳି କହିବା ସହ ତୁରନ୍ତ ଆବେଦନକାରିଣୀଙ୍କୁ ସମସ୍ତ ପ୍ରାପ୍ୟ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରିଣୀ ମୀନା ମହାନ୍ତିଙ୍କ



ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ ଏହି ଆଦେଶ ଦେଇଛନ୍ତି। ଏଥିସହ ଦୀର୍ଘ ୧୭ବର୍ଷ ଧରି କ'ଣ ପାଇଁ ପ୍ରୋସିଡିଂର ସମାଧାନ କରାଯାଉନଥିଲା ଏବଂ ଏଥିପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରିଣୀ ପିଟିସନ୍‌ରେ ଦର୍ଶାଇଥିଲେ ଯେ, ତାଙ୍କ ସ୍ୱାମୀଙ୍କ ବିରୋଧରେ ୨୦୦୩ ମାର୍ଚ୍ଚ ୩୧ରେ ଏକ ବିଭାଗୀୟ ପ୍ରୋସିଡିଂ ଆରମ୍ଭ କରାଯାଇଥିଲା। ଏହି ପ୍ରକ୍ରିୟା ଶେଷ ହେବା ପୂର୍ବରୁ ୨୦୨୦ ସେପ୍ଟେମ୍ବର ୭ରେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କ ମୃତ୍ୟୁ ସତ୍ତ୍ୱେ ବିଭାଗୀୟ ପ୍ରୋସିଡିଂକୁ ବନ୍ଦ କରାଯାଇ ନଥିଲା। ଏହି ଆଳରେ ପରିବାରକୁ ପେନ୍‌ସନ କିମ୍ବା ଅନ୍ୟାନ୍ୟ ଅବସରକାଳୀନ ସୁବିଧା ପ୍ରଦାନ କରାଯାଇ ନଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଯୁକ୍ତି ରଖାଯାଇଥିଲା ଯେ ସାଧାରଣ ପ୍ରଶାସନ ବିଭାଗର ନିର୍ଦ୍ଦେଶାବଳୀ ଅନୁଯାୟୀ, ବିଭାଗୀୟ ପ୍ରୋସିଡିଂ ଶେଷ ହେବା ପୂର୍ବରୁ କର୍ମଚାରୀଙ୍କ ମୃତ୍ୟୁ ହୁଏ, ତେବେ ତାଙ୍କର ଆଇନଗତ ଉତ୍ତରାଧିକାରୀମାନଙ୍କୁ ସେହି ସ୍ଥିତିରେ ଦାୟୀ କରାଯାଇ ପାରିବ। ତଦନ୍ତ ରିପୋର୍ଟରେ ମୃତ କର୍ମଚାରୀଙ୍କୁ ୪ ଲକ୍ଷ ୬ ହଜାର ୩୫୨ ଟଙ୍କା ହଡ଼ପ ପାଇଁ ଦାୟୀ କରାଯାଇଥିଲା। ଅଦାଲତ ଉଭୟପକ୍ଷଙ୍କ ଯୁକ୍ତି ଶୁଣିବା ପରେ କହିଛନ୍ତି ଯେ, ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଯିବା ପରେ ଯଦି ତାଙ୍କ ବିରୋଧରେ କୌଣସି ପ୍ରକାର ମାମଲା ଥାଏ ତାହା ଆପଣାଛାଏଁ ବନ୍ଦ ହୋଇଯାଏ। ତେଣୁ ଏହି ପରିପ୍ରେକ୍ଷୀରେ ଆବେଦନକାରୀଙ୍କ ସ୍ୱାମୀଙ୍କ ବିରୋଧରେ ବିଭାଗୀୟ ପ୍ରୋସିଡିଂ ଚାଲି ପାରିବ ନାହିଁ ଏବଂ ଏହା ସ୍ୱତଃପ୍ରବୃତ୍ତ ଭାବେ ବନ୍ଦ ହୋଇଯିବ। ତେଣୁ ମୃତ କର୍ମଚାରୀଙ୍କ ପତ୍ନୀଙ୍କୁ ୪ ମାସ ମଧ୍ୟରେ ସମସ୍ତ ଅବସରକାଳୀନ ସୁବିଧା ଏବଂ ପରିବାର ପେନ୍‌ସନ୍ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ପୁଣି ଏସ୍‌ସିବି ମେଡ଼ିକାଲରେ ଅଗ୍ନିକାଣ୍ଡ

# ନନ୍ ଟ୍ରମା କାଜୁଆଲଟିରେ ଲାଗିଲା ନିଆଁ

**କଟକ, ୧୮।୩:ନ୍ୟୁଜ୍‌ବ୍ୟୁରୋ**

କଟକ ବଡ଼ ମେଡିକାଲ ନନ ଟ୍ରମା କାଜୁଆଲଟିରେ ପୁଣି ନିଆଁ। ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ବେଳେ ରୋଗୀମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ନନ ଟ୍ରମା କାଜୁଆଲଟିରେ ଶହେରୁ ଅଧିକ ରୋଗୀ ଚିକିତ୍ସିତ ହେଉଥିଲେ। ଧୂଆଁ ବାହାରିବା କାରଣରୁ ସ୍ମୋକ ଡିଟେକ୍ଟର ଅକ୍ଟିଭ ହୋଇଯାଇ ଥିଲା। ସଠିକ ସମୟରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଏକ ପ୍ୟାନେଲ ବୋର୍ଡରେ ସର୍ଟସର୍କିଟ ହୋଇଥିବା ସୂଚନା ମିଳିଛି। ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣରେ ରହିଛି। ରବିବାର ରାତିରେ ଏସସିବି ମେଡିକାଲ ଟ୍ରମା କେୟାର ଆଇସିୟୁରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଘଟଣା ଘଟିବା ସମୟରେ ଟ୍ରମା କେୟାର ଆଇସିୟୁରେ ୨୩ ଜଣ ରୋଗୀ ଥିଲେ। ଅଗ୍ନିକାଣ୍ଡ ପରେ ଆୟୁସିୟୁରେ ସାଂଘାତିକ ସ୍ଥିତି ଉପୁଜିଥିଲା। ଗୁରୁତର ରୋଗୀଙ୍କୁ ନ୍ୟୁ ମେଡିସିନ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ଘଟଣା ଘଟିବା ପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏସସିବିରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ମୃତକଙ୍କ ପରିବାରକୁ ୨୫ ଲକ୍ଷ କ୍ଷତିପୂରଣ ଘୋଷଣା କରିଥିଲେ ଏବଂ ଘଟଣାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

# ବିଧାୟକ ଆବାସିକ କମ୍ପ୍ଲେକ୍ସ ନିର୍ମାଣ ଅଗ୍ରଗତି ନେଇ ସମୀକ୍ଷା କଲେ ପୂର୍ତ୍ତ ମନ୍ତ୍ରୀ



**ଭୁବନେଶ୍ୱର, ୧୮।୩ : ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱରରେ ନିର୍ମାଣାଧୀନ ବିଧାୟକ ଆବାସିକ କମ୍ପ୍ଲେକ୍ସ କାର୍ଯ୍ୟ ଜୁନ ୩୦ ସୁଦ୍ଧା ଶେଷ ହେବ। କାର୍ଯ୍ୟକୁ ଦ୍ରୁତ ଗତିରେ ଆଗେଇ ନେବା ପାଇଁ ବରିଷ୍ଠ ଅଧିକାରୀ ଏବଂ ଠିକା ସଂସ୍ଥାକୁ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିର୍ଦ୍ଦେଶ ଦେଇଥିଲେ। ବିଧାୟକ ଆବାସିକ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଅଗ୍ରଗତି ନେଇ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସମୀକ୍ଷା କରିଛନ୍ତି। ଏଥିସହ ନିର୍ମାଣଧୀନ ଅଞ୍ଚଳ ବୁଲି ଦେଖିଛନ୍ତି।

୬ଟି ଟାୱାରବିଶିଷ୍ଟ ଏହି ଆବାସିକ କମ୍ପ୍ଲେକ୍ସରେ ମୋଟ ୩୦୦ଟି ଫ୍ଲାଟ ରହିଛି। ସେଥି ମଧ୍ୟରୁ ୧୦୫ଟି ଟାଇପ୍ ୭ ଫ୍ଲାଟ୍ ରହିଥିବାବେଳେ ୧୯୫ଟି ଟାଇପ୍ ୬ ଫ୍ଲାଟ୍ ବ୍ୟବସ୍ଥା ରହିଛି। କମ୍ପ୍ଲେକ୍ସରେ ୧୩୦ ଜଣ ବିଧାୟକ ଏବଂ ୧୭୦ ଜଣ ବରିଷ୍ଠ ଅଧିକାରୀ ରହିବା ଭଳି ବ୍ୟବସ୍ଥା ରହିବ। ଏଥି ସହିତ ପରିସରରେ ସ୍ୱରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଏବଂ ଭୂତଳ ଜଳ ସଂରକ୍ଷଣ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ରହିବା ସହ ପରିସରକୁ ସବୁଜ ବଳୟରେ ପରିଣତ କରବା ପାଇଁ ବଡ଼ ବଡ଼ ଉପାଦେୟ ଗଛ ଲଗାଯିବ। ସେହିଭଳି ଅତିଥିମାନଙ୍କ ପାଇଁ ୫୦ କୋଠରିବିଶିଷ୍ଟ ଏକ କ୍ଲବ୍ ହାଉସ୍ ନିର୍ମାଣ ନେଇ ଆଲୋଚନା ହୋଇଥିଲା।

ଏହି ବୈଠକରେ ବିଧାୟକ ବାବୁ ସିଂ, ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ, ଓବିସିସିର ପରିଚାଳନା ନିର୍ଦ୍ଦେଶକ ଅନୁପମ୍ ସାହାଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ, ମୁଖ୍ୟଯନ୍ତ୍ରୀ ଏବଂ ଠିକା ସଂସ୍ଥାର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଯୋଗାଣ ଶୃଙ୍ଖଳା ସହଭାଗୀତାକୁ ସୁଦୃଢ଼ କରିବା ନିମନ୍ତେ ନାଲ୍‌କୋ ପକ୍ଷରୁ ସର୍ବଭାରତୀୟ ବିକ୍ରେତା ସମ୍ମିଳନୀ

**ଭୁବନେଶ୍ୱର, ୧୮।୩**
**ନ୍ୟୁଜ୍‌ବ୍ୟୁରୋ**

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ ଲୋକ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ପକ୍ଷରୁ ବୁଧବାର ଭୁବନେଶ୍ୱରଠାରେ 'ଯୋଗାଣ ଶୃଙ୍ଖଳ ଉତ୍କର୍ଷତା ପାଇଁ ବିକ୍ରେତା ସହଭାଗୀତାକୁ ସୁଦୃଢ଼ କରିବା' ବିଷୟବସ୍ତୁ ଆଧାରିତ ଏକ ସର୍ବଭାରତୀୟ ବିକ୍ରେତା ସମ୍ମିଳନୀ ଆୟୋଜିତ ହୋଇଛି। ଏହି ବୈଠକ କଞ୍ଚାମାଲ, ସ୍ପେୟାର, ଆନୁଷଙ୍ଗିକ ଏବଂ ଉପଯୋଗୀ ସାମଗ୍ରୀ ଏବଂ ଅନ୍ୟାନ୍ୟ ଜରୁରୀ ଇନପୁଟ୍ ଯୋଗାଣରେ ନିୟୋଜିତ ଦେଶବ୍ୟାପୀ ବିକ୍ରେତା ମାନଙ୍କୁ ଏକତ୍ରିତ କରିବା ନିମନ୍ତେ ଏକ ସହଯୋଗୀ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିଥିଲା। ସୁଦୃଢ଼ ସମନ୍ୱୟ, ସ୍ୱଚ୍ଛତା ବୃଦ୍ଧି କରିବା ଏବଂ ଯୋଗାଣ ଶୃଙ୍ଖଳ ଇକୋସିଷ୍ଟମରେ ଦୀର୍ଘକାଳୀନ ସହଭାଗୀତାକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଅଟେ।




ଏହି କାର୍ଯ୍ୟକ୍ରମରେ ଜାତୀୟ ଏସସି-ଏସଟି ହବ୍ (ଏନ.ଏସ.ଏସ.ଏଚ.ଓ), ଏମ.ଏସ.ଏମ.ଇ, ଭାରତୀୟ ପ୍ରାପ୍ୟ ବିନିମୟ ଲିମିଟେଡ୍ (ଆର.ଏକ୍ସ.ଆଇ.ଏଲ), ଏବଂ ସରକାରୀ ଇ-ମାର୍କେଟ ପ୍ଲେସ (ଜି.ଇ.ଏମ) ସମେତ ପ୍ରମୁଖ ଅଂଶୀଦାରମାନଙ୍କୁ ନେଇ ଉପସ୍ଥାପନା ଏବଂ ମତ ବିନିମୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ବିକ୍ରେତା ସହଭାଗୀତାକୁ ସୁଦୃଢ଼ କରିବା, ଏମ.ଏସ.ଏମ.ଇ ସମ୍ବନ୍ଧୀୟ ସଦ୍ୟ ନୀତି, ଟି.ଆର.ଇ.ଡି.ଏସ ମାଧ୍ୟମରେ ସୁଯୋଗ ଏବଂ ଦକ୍ଷ କ୍ରୟ ପାଇଁ ଜି.ଇ.ଏମ ପ୍ଲାଟଫର୍ମକୁ ଉପଯୋଗ କରିବା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ଏହି ବୈଠକରେ ନାଲ୍‌କୋ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ଅଧ୍ୟକ୍ଷତା କରିଥିଲେ। ନାଲ୍‌କୋର ବରିଷ୍ଠ ନେତୃତ୍ୱବୃନ୍ଦ, ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ଉତ୍ପାଦନ), ଅଭୟ କୁମାର ବେହୁରିଆ, ନିର୍ଦ୍ଦେଶକ (ଅର୍ଥ), ଅନିଲ କୁମାର ସିଂହ, ନିର୍ଦ୍ଦେଶକ (ବାଣିଜ୍ୟିକ)ଙ୍କ ସମେତ ପି.କେ. ଗୁପ୍ତା, ନିର୍ଦ୍ଦେଶକ (ଏମ.ଏସ.ଏମ.ଇ.-ଡି.ଏଫ.ଓ) ପ୍ରମୁଖ ଉପସ୍ଥିତ ରହି ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଏଥି ସହ, ଅଂଶଗ୍ରହଣକାରୀ ସଂସ୍ଥା ଏବଂ ନାଲ୍‌କୋର ବରିଷ୍ଠ ଅଧିକାରୀ ମାନେ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ।

ସମାବେଶକୁ ସମ୍ବୋଧିତ କରି ଶ୍ରୀ ସିଂହ କହିଥିଲେ ଯେ, ଆମ ଦେଶ ଶିଳ୍ପ ଏବଂ ଭିତ୍ତିଭୂମି କ୍ଷେତ୍ରରେ ଦ୍ରୁତ ଅଗ୍ରଗତି କରୁଥିବାରୁ, ବିକ୍ରେତାମାନଙ୍କ ପାଇଁ ପ୍ରଯୁକ୍ତିବିଦ୍ୟା ବ୍ୟବହାରର ଆବଶ୍ୟକତା କ୍ରମଶଃ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଏହି ଗୁରୁତ୍ୱପୂର୍ଣ୍ଣ ବିଷୟରେ ମତ ବ୍ୟକ୍ତ କରି ସେ କହିଥିଲେ ଯେ, ବିକ୍ରେତାମାନଙ୍କୁ ପ୍ରତିଯୋଗିତାମୂଳକ ଏବଂ ଶିଳ୍ପ ମାନଦଣ୍ଡ ସହିତ ସମନ୍ୱୟ ରଖି ନିଜ କାର୍ଯ୍ୟରେ କୃତ୍ରିମ ବୁଦ୍ଧିମତା, ଅଟୋମେସନ ଏବଂ ଡିଜିଟାଲ୍ ସମାଧାନ ଭଳି ଉନ୍ନତ ପ୍ରଯୁକ୍ତିବିଦ୍ୟାକୁ ଏକୀକୃତ କରିବାକୁ ପଡ଼ିବ। ଏହା କେବଳ ଦକ୍ଷତା ଏବଂ ଗୁଣବତ୍ତା ଉନ୍ନତ କରିବା ପାଇଁ ନୁହେଁ ବରଂ ଯୋଗାଣ ଶୃଙ୍ଖଳ ଇକୋସିଷ୍ଟମରେ ସମୟୋଚିତ ବିତରଣ ଏବଂ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ମଧ୍ୟ ସହାୟକ ହେବ। ନାଲ୍‌କୋରେ ଚାଲିଥିବା ସମ୍ପ୍ରସାରଣ ଯୋଜନା ଏବଂ ଆଲୁମିନିୟମର ବର୍ଦ୍ଧିତ ଚାହିଦା ବିଷୟରେ ଉଲ୍ଲେଖ କରି, ସେ ଅଧିକ ଉଦ୍ୟୋଗୀଙ୍କୁ ସାମିଲ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ, ବିଶେଷକରି ଏମ.ଏସ.ଏମ.ଇ. ଏବଂ ମହିଳା ଉଦ୍ୟୋଗୀଙ୍କ ଅଂଶ ଗ୍ରହଣକୁ ସେ ଉତ୍ସାହିତ କରିଥିଲେ।

ଏହି ବୈଠକରେ ୧୦୦ରୁ ଅଧିକ ବିକ୍ରେତା ଅଂଶଗ୍ରହଣ କରିଥିଲେ ଏବଂ ପାରସ୍ପରିକ ବୁଝାମଣାକୁ ମଜବୁତ କରିବାରେ ନାଲ୍‌କୋର ଏହି ଆୟୋଜନ ତଥା ପଦକ୍ଷେପକୁ ପ୍ରଶଂସା କରିଥିଲେ।

# ସଂକଟ ସମୟରେ ଇରାନକୁ ଔଷଧ ପଠାଇଲା ଭାରତ

**ନୂଆଦିଲ୍ଲୀ, ୧୮।୩**

ପଶ୍ଚିମ ଏସିଆରେ ଜାରି ରହିଥିବା ଯୁଦ୍ଧ ଓ ଉତ୍ତେଜନା ମଧ୍ୟରେ ଇରାନକୁ ସହାୟତାର ହାତ ବଢ଼ାଇଛି ଭାରତ। ଆମେରିକା ଓ ଇସ୍ରାଏଲ ସହ ସଂଘର୍ଷରେ ଜଡ଼ିତ ଥିବା ଇରାନକୁ ଭାରତ ପକ୍ଷରୁ ମାନବିକ ଭିତ୍ତିରେ ପ୍ରଥମ ପର୍ଯ୍ୟାୟ ଚିକିତ୍ସା ସହାୟତା ପ୍ରଦାନ କରାଯାଇଛି। ଏହି ସହାୟତା ସାମଗ୍ରୀକୁ 'ଇରାନୀ ରେଡ୍ କ୍ରିସେଣ୍ଟ ସୋସାଇଟି'କୁ ହସ୍ତାନ୍ତର କରାଯାଇଥିବା ନେଇ ନୂଆଦିଲ୍ଲୀ ସ୍ଥିତ ଇରାନ ଦୂତାବାସ ସୂଚନା ଦେଇଛି।

ଭାରତରେ ଅବସ୍ଥାପିତ ଇରାନର ରାଷ୍ଟ୍ରଦୂତ ମହମ୍ମଦ ଫଥାଲି ଦିଲ୍ଲୀ-ତେହେରାନ ସମ୍ପର୍କକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଅଭିହିତ କରିଛନ୍ତି। ସେ କହିଛନ୍ତି, ଭାରତ ଏକ ବିଶ୍ୱସ୍ତ ଓ



ବନ୍ଧୁତ୍ୱପୂର୍ଣ୍ଣ ଦେଶ। ଅନ୍ୟ ଅନେକ ଦେଶ ସହଯୋଗ କରିବାକୁ ମନା କରିଦେଇଥିବା ବେଳେ ଭାରତ ଆମର ଅନୁରୋଧକୁ ରକ୍ଷା କରି ଜାହାଜ ସାହାଯ୍ୟରେ ଜରୁରୀ ସାମଗ୍ରୀ ପଠାଇଛି। ସହାୟତା ପାଇଁ ଭାରତକୁ କୃତଜ୍ଞତା ଜଣାଇବା ସହ ଶତ୍ରୁ ଦେଶମାନଙ୍କୁ କଡ଼ା ଚେତାବନୀ ଦେଇଛନ୍ତି ଇରାନ ରାଷ୍ଟ୍ରଦୂତ। ସହଯୋଗ କରିନଥିବା ଦେଶମାନଙ୍କୁ ଉଚିତ ଜବାବ ଦିଆଯିବ ଏବଂ ଖୁବ୍‌ଶୀଘ୍ର ବିଶ୍ୱ ଏହା ବିଷୟରେ ଜାଣିବାକୁ ପାଇବ ବୋଲି ସେ କହିଛନ୍ତି। ଏହି ଘଟଣା ଏବେ ଅନ୍ତର୍ଜାତୀୟ ରାଜନୀତିରେ ଭାରତର ସନ୍ତୁଳିତ ବୈଦେଶିକ ନୀତିକୁ ପୁଣି ଥରେ ପ୍ରମାଣିତ କରିଛି।

# ରାଜନୀତିରେ କୌଣସି ପୂର୍ଣ୍ଣଚ୍ଛେଦ ନାହିଁ

**ନୂଆଦିଲ୍ଲୀ, ୧୮।୩**

ଆଜି ରାଜ୍ୟସଭାରୁ ଅନେକ ସଦସ୍ୟ ଅବସର ନେଉଛନ୍ତି। ଏହି ଖାଲି ଆସନ ପାଇଁ ଅନେକ ସଦସ୍ୟ ନିର୍ବିରୋଧରେ ନିର୍ବାଚିତ ହୋଇଛନ୍ତି। ଆଜି ରାଜ୍ୟସଭା ଅଧ୍ୟକ୍ଷ ସିପି ରାଧାକୃଷ୍ଣନ୍ ସମସ୍ତ ସଦସ୍ୟଙ୍କ ସଂସଦୀୟ ଜୀବନ ଏବଂ କାର୍ଯ୍ୟକାଳ ଉପରେ ଆଲୋକପାତ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଅବସରପ୍ରାପ୍ତ ସଦସ୍ୟଙ୍କ ଭୂମିକାକୁ ଗଣତନ୍ତ୍ରକୁ ସୁଦୃଢ଼ କରିବା ଭାବରେ ବର୍ଣ୍ଣନା କରିଥିଲେ। ସାଂସଦ ମାନଙ୍କ ଅବସର ସମ୍ପର୍କରେ ମୋଦୀ କହିଛନ୍ତି ଯେ ଗୃହ ଏକ ଖୋଲା ବିଶ୍ୱବିଦ୍ୟାଳୟ ଭଳି। ନୂତନ ସାଂସଦମାନେ ସର୍ବଦା ଶିଖିବା ଉଚିତ। ଆମର ଶିକ୍ଷା ଏବଂ ଦୀକ୍ଷା



ଉଭୟ ଏଠାରେ ହୁଏ। ରାଜନୀତିରେ କେବେ ପୂର୍ଣ୍ଣଚ୍ଛେଦ ପଡ଼ିନଥାଏ। ଅବସର ଏକ ଭାବପ୍ରବଣ ମୁହୂର୍ତ୍ତ। ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍ ଡି ଦେବେଗୌଡାଙ୍କୁ ପ୍ରଶଂସା କରି ସେ କହିଥିଲେ ଯେ ସେ ତାଙ୍କ ଜୀବନର ଅଧା ଭାଗ ସଂସଦୀୟ ବ୍ୟବସ୍ଥାରେ ବିତାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ପରେ ରାଜ୍ୟସଭା ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡଗେ ମଧ୍ୟ ରାଜ୍ୟସଭା ସଦସ୍ୟଙ୍କ ଅବସର ଉପରେ ବକ୍ତବ୍ୟ ରଖିଥିଲେ।

# ମୁନ୍ଦ୍ରା ବନ୍ଦରରେ ପହଞ୍ଚିଲା 'ଜଗ ଲାଡକୀ'



**ନୂଆଦିଲ୍ଲୀ, ୧୮।୩**

ତୃତୀୟ ଭାରତୀୟ ପତାକା ଥିବା ଜାହାଜ ଜଗ୍ ଲଡକି ସୁରକ୍ଷିତ ଭାବରେ ବୁଧବାର ସକାଳେ ଗୁଜରାଟର ମୁନ୍ଦ୍ରା ବନ୍ଦରରେ ପହଞ୍ଚିଛି। ଜଗ୍ ଲଡକି ଏକ ତୈଳ ଟ୍ୟାଙ୍କର୍ଠେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରୁ ୮୦ ହଜାର ଟନ୍ ମର୍ବାନ୍ ଅଶୋଧିତ ତୈଳ ନେଇ ଭାରତ ଆସିଛି। ପୂର୍ବରୁ, ଦୁଇଟି ଭାରତୀୟ ଏଲପିଜି ଟ୍ୟାଙ୍କର୍ ଶିବାଲିକ୍ ଏବଂ ନନ୍ଦା ଦେବୀ ଇରାନର ହରମୁଜ୍ ପ୍ରଣାଳୀ ଦେଇ ଆସିବାପରେ ଭାରତୀୟ ନୌସେନାର ସୁରକ୍ଷା କବଚରେ ଭାରତରେ ପହଞ୍ଚିଥିଲେ। ଓମାନ ଉପସାଗରରେ ଥିବା ୟୁଏଇର ଫୁଜୈରା ବନ୍ଦରରେ ଅଶୋଧିତ ତୈଳ ଲୋଡ୍ କରୁଥିବା ସମୟରେ ଇରାନ ଜଗ୍ ଲଡକି ଉପରେ ଆକ୍ରମଣ କରିଥିଲା। ଜଗ୍ ଲଡକି ଉପସ୍ଥିତିରେ ଫୁଜାଇରା ବନ୍ଦର ଆକ୍ରମଣ କରିଥିଲା। ଜଗ୍ ଲଡକି ଏବଂ ଏଥିରେ ଥିବା ସମସ୍ତ ଭାରତୀୟ ନାବିକ ଭାରତୀୟ ନୌସେନାର ସୁରକ୍ଷାରେ ସୁରକ୍ଷିତ ଭାବରେ ନିଜ ସ୍ୱଦେଶକୁ ଫେରି ଆସିଛନ୍ତି। ଜଗ୍ ଲଡକି ରବିବାର ଫୁଜୈରାହ ବନ୍ଦରରୁ ବାହାରିଥିଲା ଏବଂ ଶନିବାର ଇରାନ ଆକ୍ରମଣ ଯୋଗୁଁ ତୈଳ କାରବାର ଅସ୍ଥାୟୀ ଭାବରେ ସ୍ଥଗିତ ରଖାଯାଇଥିଲ




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୧୪୮, ୨୫୪୫୬୭୮
Email : utkaldeepika2016@gmail.com

# ୫.୫୬ କୋଟି ଟଙ୍କା ଠକେଇ ବ୍ୟାଙ୍କ ଅଧିକାରୀ ଗିରଫ

**ଭୁବନେଶ୍ୱର, ୧୮।୩**
**ନ୍ୟୁଜ୍‌ବ୍ୟୁରୋ**

ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗରେ ଜଣେ ବ୍ୟାଙ୍କ ଅଧିକାରୀଙ୍କୁ ଭିଜିଲାନ୍ସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଜନ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଭଦ୍ରକ ଶାଖାର ମୁଖ୍ୟ ମାତୃପ୍ରସାଦ ମହାନ୍ତି। କୋରେଇ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଏହି ଠକେଇ ହୋଇଛି। ସରକାରୀ ପାଣ୍ଠିର ଅପବ୍ୟବହାର କରି ୫,୫୬,୧୧,୪୯୫ କୋଟି ଟଙ୍କା ଠକେଇ କରିଛନ୍ତି।

ଭିଜିଲାନ୍ସ ବିଭାଗ ତଦନ୍ତ ସମୟରେ ଜାଣିବାକୁ ପାଇଥିଲା ଯେ ଏହି ଠକେଇରେ ଅଭିଯୁକ୍ତ ମାତୃପ୍ରସାଦ ମହାନ୍ତିଙ୍କୁ ତାଙ୍କ ପିତା ପ୍ରଦୀପ କୁମାର ମହାନ୍ତି (ବିଇଓ କାର୍ଯ୍ୟାଳୟରେ ପୁନଃନିଯୁକ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ) ସହଯୋଗ କରିଥିଲେ। ସିଷ୍ଟମ ହେରଫେର କରି ପ୍ରଦୀପ କୁମାର ମହାନ୍ତି ମାନବ ସମ୍ବଳ ପରିଚାଳନା ପ୍ରଣାଳୀକୁ ବେଆଇନ ଭାବେ ପ୍ରବେଶ କରିଥିଲେ। ସେ ୧୩ ଜଣ ଅବସର ପ୍ରାପ୍ତ ଶିକ୍ଷକ (ପେନସନଭୋଗୀ)ଙ୍କ ପରିଚୟପତ୍ରକୁ ଚୋରି କରିଥିଲେ। ଏହି ଅବସରପ୍ରାପ୍ତମାନଙ୍କୁ ଚାକିରିରେ ସକ୍ରିୟ ଭାବରେ ଦେଖାଇବା ପାଇଁ



ଜାଲିଆତି କରି ସେ ସେମାନଙ୍କ ନାମରେ ମାସିକ ପେନସନ ବିଲ୍ ପ୍ରସ୍ତୁତ କରିଥିଲେ। ଏହି ଅର୍ଥକୁ ବିଭିନ୍ନ କାରବାର ମାଧ୍ୟମରେ ସେମାନଙ୍କ ଦ୍ୱାରା ରଖାଯାଇଥିବା ଆକାଉଣ୍ଟଗୁଡ଼ିକୁ ପଠାଇଥିଲେ। ନଭେମ୍ବର ୨୦୧୮ରୁ ସେପ୍ଟେମ୍ବର ୨୦୨୪ ପର୍ଯ୍ୟନ୍ତ ପ୍ରାୟ ୬ବର୍ଷ ଧରି ଠକେଇ କରିଥିଲେ। ଭିଜିଲାନ୍ସ ଟିମ୍ ମାତୃପ୍ରସାଦ ମହାନ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**
ତାରିଖ :-୧୮/୦୩/୨୦୨୬
୪,୭୯,୮୧୩/- ଟଙ୍କା
ସୁନା:-୦୬ଗ୍ରାମ୍୩୦୦ ମିଲିଗ୍ରାମ୍
ରୂପା:-୨୦ଗ୍ରାମ୍୦୦୦ ମିଲିଗ୍ରାମ

# ଏସ୍‌ସିବି ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ବିଜେଡି

**ଭୁବନେଶ୍ୱର, ୧୮।୩:ନ୍ୟୁଜ୍‌ବ୍ୟୁରୋ**

କଟକର ଏସସିବି ମେଡିକାଲ୍ କଲେଜ୍ ଆଣ୍ଡ ହସ୍ପିଟାଲ୍ (ଏସସିବି ଏମସିଏଚ୍)ରେ ଗତ ୧୬ ତାରିଖରେ ହୋଇଥିବା ଭୟଙ୍କର ଅଗ୍ନିକାଣ୍ଡ ଦୁର୍ଘଟଣାରେ ୧୩ ଜଣ ରୋଗୀଙ୍କ ମୃତ୍ୟୁ ହୋଇଛି। ଏହା ବିଜେପି ସରକାରଙ୍କର ଗଭୀର ଅପରାଧିକ ଅବହେଳାକୁ ପ୍ରକାଶ କରୁଛି। ବୁଧବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ଉପସଭାପତି ତଥା ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଏବଂ ଉପସଭାପତି ତଥା ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ବିଜେପି ସରକାରରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଫଳ ହୋଇଛି। ଯାହାଫଳରେ ଏସସିବି ଅଗ୍ନିକାଣ୍ଡ ଘଟଣାରେ ୧୩ଟି ନିରୀହ ଜୀବନ ଚାଲିଗଲା ବୋଲି କହିଥିଲେ।

ଦେବୀ ପ୍ରସାଦ ମିଶ୍ର କହିଥିଲେ, ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଟ୍ରମା ସେଣ୍ଟର ସମେତ ୩୩ଟି ଭବନରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇନାହିଁ। ପୂର୍ବ ଘଟଣାରୁ ପ୍ରଶାସନ କୌଣସି ଶିକ୍ଷା ନେଇପାରିଲା ନାହିଁ। ଏସସିବି ଅଗ୍ନିକାଣ୍ଡ ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିଚାର ବିଭାଗୀୟ ନିର୍ଦ୍ଦେଶ ସ୍ୱାଗତଯୋଗ୍ୟ। ୨୪ ଘଣ୍ଟା ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତଦନ୍ତ କମିଟି ଏଯାଏଁ ରିପୋର୍ଟ ଦାଖଲ ନ କରିବା ଦୁର୍ଭାଗ୍ୟଜନକ। ପରିବାରବର୍ଗ ଶୋକରେ ଥିବା ସମୟରେ ରାଜ୍ୟସଭା ନିର୍ବାଚନ ପାଇଁ ବିଧାନସଭାରେ ରାଜନୈତିକ କାର୍ଯ୍ୟକଳାପରେ ସ୍ୱାସ୍ଥ୍ୟ ମନ୍ତ୍ରୀ ବ୍ୟସ୍ତ ରହିବା ନିନ୍ଦନୀୟ। ନୈତିକତା ଦୃଷ୍ଟିରୁ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ।

ଅତନୁ ସବ୍ୟସାଚୀ ନାୟକ କହିଛନ୍ତି, ଏସସିବିଏମସିଏଚ୍‌ରେ ସୁପରିନଟେଣ୍ଡେଣ୍ଟଙ୍କ ନିଯୁକ୍ତି ନ୍ୟାସନାଲ ମେଡ଼ିକାଲ କମିଶନ ନିୟମ ଉଲ୍ଲଙ୍ଘନ କରୁଛି। ବିଜେପି ଚାପରେ ରାଜନୈତିକ ସମ୍ପର୍କିତ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଇଛି। ବିଜେପି ସରକାର ଆସିବା ପରେ କୌଣସି ସ୍ୱାସ୍ଥ୍ୟ ସୁରକ୍ଷା ଅଡିଟ୍ ହୋଇନାହିଁ। ସ୍ୱାସ୍ଥ୍ୟମନ୍ତ୍ରୀ ନୈତିକ ଭିତ୍ତିରେ ତୁରନ୍ତ ଇସ୍ତଫା ଦେବା ଦରକାର। ଏସସିବିର ସୁପରିନଟେଣ୍ଡେଣ୍ଟ ଏବଂ ଅତିରିକ୍ତ ସୁପରିନଟେଣ୍ଡେଣ୍ଟଙ୍କୁ ଅପରାଧିକ ଅବହେଳା ପାଇଁ ଗିରଫ କରାଯିବା ଦରକାର। ଏହାସହିତ ମୃତକଙ୍କ ପରିବାରବର୍ଗଙ୍କୁ ୫୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦିଆଯାଉ। ତଦନ୍ତ ରିପୋର୍ଟ ଶୀଘ୍ର ଦାଖଲ କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ। ସମସ୍ତ ସରକାରୀ ହସ୍ପିଟାଲରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉ। ବିଜେଡି ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଉଛି। ଆଗାମୀ ଦିନରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ନ ଆସିଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ନାୟକ କହିଥିଲେ।

# ରେଢ଼ାଖୋଲ ଜଙ୍ଗଲରେ ଏନକାଉଣ୍ଟର : ଦୁର୍ଦ୍ଧାନ୍ତ ଅପରାଧୀ 'ଟିମା' ଆହତ, ୩ ଗିରଫ

**ରେଢ଼ାଖୋଲ, ୧୮।୩**
**ନ୍ୟୁଜ୍‌ବ୍ୟୁରୋ**

ରେଢ଼ାଖୋଲ ଜଙ୍ଗଲରେ ପୁଲିସର ଏନକାଉଣ୍ଟର। ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଡୁଙ୍କଛାଲି ଜଙ୍ଗଲରେ ବୁଧବାର ଭୋର ୫.୪୫ ମିନିଟ୍ ସମୟରେ ପୁଲିସ ଏନକାଉଣ୍ଟର କରିଛି। ପୁଲିସ ଗୁଳିରେ ଦୁର୍ଦ୍ଧାନ୍ତ ଅପରାଧୀ ଟିମା ଧନେଶ୍ୱର ଝାଙ୍କର ଗୁରୁତର, ଡାହାଣ ଗୋଡ଼ରେ ବାଜିଛି ଗୁଳି, ବୁର୍ଲା ମେଡିକାଲରେ ଭର୍ତ୍ତି, ଟିମା ନାଁରେ ବିଭିନ୍ନ ଜିଲ୍ଲାରେ ୪୦ରୁ ଅଧିକ ମାମଲା ଥିବା ସୂଚନା ମିଳିଛି। ଟିମାର ୩ ସହଯୋଗୀକୁ ମଧ୍ୟ ପୁଲିସ ଗିରଫ କରିଛି।

ଅଭିଯୁକ୍ତ ତାଙ୍କ ୩ ଜଣ ସହଯୋଗୀ ସହିତ ରେଢ଼ାଖୋଲ ଥାନା ଅଞ୍ଚଳର ଡୁମଚାଳି ଜଙ୍ଗଲ ଅଞ୍ଚଳରେ ଥିବା ଜାଣି ନାକଟିଦେଉଳ ପୁଲିସ ସେମାନଙ୍କୁ ଅଟକାଇବାକୁ ପ୍ରୟାସ କରିଥିଲେ। କିନ୍ତୁ ପୁଲିସକୁ ଚକ୍‌ମା ଦେଖାଇ ଅଭିଯୁକ୍ତ ଖସି ପଳାଇବା ପାଇଁ ଚେଷ୍ଟା କରି ପୁଲିସ ଉପରକୁ ଗୁଳି ଚାଳାଇଥିଲେ। ଆତ୍ମରକ୍ଷା ପାଇଁ ପୁଲିସ ପକ୍ଷରୁ ନିୟନ୍ତ୍ରିତ ଗୁଳିଚାଳନା କରାଯାଇଥିଲା। ଫଳରେ ଅଭିଯୁକ୍ତଙ୍କ ଡାହାଣ ପାଦରେ ଗୁଳି ଲାଗିଥିଲା। ଅଭିଯୁକ୍ତ ୩ ରାଉଣ୍ଡ ଗୁଳି ଚାଳାଇଥିବା ବେଳେ ପୁଲିସ ମଧ୍ୟ ନିୟନ୍ତ୍ରିତ ଭାବେ ୨ ରାଉଣ୍ଡ ଗୁଳି ଚଳାଇ ଥିଲେ। ୩ ଜଣ ସହଯୋଗୀକୁ ଘଟଣାସ୍ଥଳରୁ ପୁଲିସ ଗିରଫ କରିବା ସହିତ ଟିମାକୁ ମଧ୍ୟ କାବୁ କରିଛି। ଏହି ସମୟରେ ପୁଲିସ ଏକ ପିସ୍ତଲ ସହିତ ଅଫୁଟା ଗୁଳି, ଏକ ବୋଲେରୋ ଗାଡ଼ି, ଏକ ତା'ର କଟର ଓ ବିଦ୍ୟୁତ ତାର କାଟିବାରେ ବ୍ୟବହୃତ ଅନ୍ୟାନ୍ୟ ଉପକରଣ ଜବତ କରି ତଦନ୍ତ ଆରମ୍ଭ କରିଛି।